Bhubaneswar- 2 June 2026
ଭୁବନେଶ୍ୱର- ୨ ଜୁନ୍ ୨୦୨୬
Vol- 1 Issue - 37
ଭାଗ- ୧ ସଂଖ୍ୟା- ୩୭
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୨୯୨୭୦୧୦୦୭

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଚୁଡାନ୍ତ

### ଶୀଘ୍ର ସ୍ୱାକ୍ଷରିତ ହେବ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଡିଲ



**ନୂଆଦିଲ୍ଲୀ:** ଭାରତ-ଯୁକ୍ତରାଷ୍ଟ୍ର ବାଣିଜ୍ୟ ଚୁକ୍ତି ଚୁଡାନ୍ତ । ଶୀଘ୍ର ସ୍ୱାକ୍ଷରିତ ହେବ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟର ପ୍ରଥମ ପର୍ଯ୍ୟାୟ ଡିଲ । ସମସ୍ତ ପ୍ରମୁଖ ପଏଣ୍ଟ ସମାଧାନ ହୋଇସାରିଛି ବୋଲି କହିଛନ୍ତି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୂଷ ଗୋୟଲ। ଏହି ମନ୍ତବ୍ୟ ସେହି ସମୟରେ ଆସିଛି ଯେତେବେଳେ ଏକ ଉଚ୍ଚପଦସ୍ଥ ଯୁକ୍ତରାଷ୍ଟ୍ର ପ୍ରତିନିଧି ଦଳ ନୂଆଦିଲ୍ଲୀ ଆସିଛନ୍ତି ଏବଂ ଆଲୋଚନାର ନୂଆ ରାଉଣ୍ଡ ଆରମ୍ଭ କରିବାକୁ ଯାଉଛନ୍ତି । ଆଜି କେନ୍ଦ୍ରମନ୍ତ୍ରୀ ଗୋୟଲ କହିଛନ୍ତି, ଆମେରିକା ଟିମ୍‌ର କିଛି ସଦସ୍ୟ ପୂର୍ବରୁ ଆସି ସାରିଛନ୍ତି, ଆଉ କିଛି ଆଜି ରାତିରେ ଆସୁଛନ୍ତି । ଆମ ଆଲୋଚନା ଜୁନ୍ ୨, ୩ ଏବଂ ୪ ତାରିଖରେ ନିର୍ଦ୍ଧାରିତ ହୋଇଛି। ଉଭୟ ଦେଶର ନେତାମାନେ ଫେବୃଆରୀ ୩ ତାରିଖରେ ଫ୍ରେମୱର୍କ ଏଗ୍ରିମେଣ୍ଟ ଘୋଷଣା କରିବେ । ଏହି ଚୁକ୍ତି ଯୁକ୍ତରାଷ୍ଟ୍ରର ନୂତନ ଟ୍ୟାରିଫ୍ ପରିବର୍ତ୍ତନକୁ ମଧ୍ୟ ବିବେଚନାରେ ନିଆଯିବ । ଭାରତରେ ଅବସ୍ଥିତ ଯୁକ୍ତରାଷ୍ଟ୍ର ରାଷ୍ଟ୍ରଦୂତ ସର୍ଜିଓ ଗୋର କହିଛନ୍ତି, ୯୯% ବିବରଣୀ ଫାଇନାଲ୍ ହୋଇସାରିଛି। ମୁଁ ପୂର୍ଣ୍ଣ ଆତ୍ମବିଶ୍ୱାସୀ ଯେ, ଆମେ ଯୁକ୍ତରାଷ୍ଟ୍ର ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଖୁବ୍ ଶୀଘ୍ର ସମାପ୍ତ କରିବୁ। ଏହା ସ୍ୱାକ୍ଷରିତ କରିବା ପରେ ଆହୁରି ବିସ୍ତୃତ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଆରମ୍ଭ କରିବୁ। ଗତ ଦୁଇ ଦଶକରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ମାତ୍ରା ୨୦ ବିଲିୟନ୍ ଡଲାରରୁ ୨୨୦ ବିଲିୟନ୍ ଡଲାରକୁ ବଢ଼ିଛି। ଏହି ବାଣିଜ୍ୟ ଚୁକ୍ତିରେ ମାର୍କେଟ୍ ଆକ୍ସେସ୍, ଟ୍ୟାରିଫ୍, ଆମଦାନୀ ଶୁଳ୍କ, ବାଣିଜ୍ୟ ସୁବିଧା, ନିବେଶ ପ୍ରୋତ୍ସାହନ ଇତ୍ୟାଦି ଉପରେ ଆଲୋଚନା ହେବ।

# କବିସୂର୍ଯ୍ୟନଗର ଥାନାରେ ଅମାନୁଷିକ ନିର୍ଯ୍ୟାତନା

## ଚିକିତ୍ସା ଧିନ ଅବସ୍ଥାରେ ଯୁବକର ମୃତ୍ୟୁ




- ୩ ପୁଲିସ କର୍ମଚାରୀ ନିଲମ୍ବିତ
- ଡ୍ରାଇଭର କାର୍ଯ୍ୟରୁ ବହିଷ୍କୃତ
- ୪ଟି ମାମଲାର ତଦନ୍ତ ଦାୟିତ୍ୱ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠକୁ ନ୍ୟସ୍ତ

**ବ୍ରହ୍ମପୁର:** କବିସୂର୍ଯ୍ୟନଗର ଥାନାରେ ଯୁବକଙ୍କୁ ପିଟି ପିଟି ଗୁରୁତର ପରେ ମେଡିକାଲ ରେ ମୃତ୍ୟୁ । ମୃତ ଯୁବକଙ୍କ ହେଲେ ସୁବୁଳିଆ ଗ୍ରାମର ୩୨ ବର୍ଷୀୟ ସୁଶାନ୍ତ ସାହୁ । ସୁଶାନ୍ତ ସୁବୁଳିଆ ଗ୍ରାମର ଏକ ପଥର କୁଆଁରିରେ କାମ କରୁଥିଲେ । ବେଆଇନ ପଥର କୁଆଁରିରେ କିଛି ଗଣ୍ଡଗୋଳକୁ ନେଇ ଗତ ୨୫ ତାରିଖ ଦିନ ପୋଲିସ ସୁଶାନ୍ତକୁ ତଦନ୍ତ ପାଇଁ ଥାନାକୁ ଉଠେଇ ଆଣିଥିଲା । ତଦନ୍ତ ଆଳରେ ପୋଲିସ ୨୫ ତାରିଖ ଠାରୁ ୩୧ ତାରିଖ ଯାଏଁ ସୁଶାନ୍ତ କୁ ଥାନାରେ ଅଟକ ରଖି ନିସ୍ତୁକ ମାଡ଼ ମାରିବା ଓ ଦେହରେ ଗରମ ପାଣି ଢାଳି ଦେଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ଗତ କାଲି ରାତିରେ ପୋଲିସ ସୁଶାନ୍ତକୁ ପରିବାର ଲୋକକୁ ହସ୍ତାନ୍ତର କରିଥିବା ବେଳେ ସୁଶାନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିଲା. ଗୁରୁତର ସୁଶାନ୍ତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଆସିକା ପରେ ବ୍ରହ୍ମପୁର ଏମ. କେ. ସି. ଜି ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିଲା ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ନ୍ୟାୟ ଦାବିରେ ପରିବାର ଲୋକେ ଥାନା ଆଗରେ ବସିଛନ୍ତି । ପୁଲିସ ବାଧ କରି ଏକ କାଗଜରେ ଅଣ୍ଡରଟେକିଙ୍ଗ ଲେଖି ନେଇଥିବା ଅଭିଯୋଗ କରିଛନ୍ତି. ୩୧ ତାରିଖରେ ସକାଳୁ ଘରୁ ନେଇ ସେହି ଦିନ ସାନ୍ଧ୍ୟରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଭଳି ଅଣ୍ଡରଟେକିଙ୍ଗ ଲେଖି ପୁଲିସ ନେଇଛି. ନଲେଖିଲେ ମାମଲାରେ ଛନ୍ଦି ଦେବି କହି ପୁଲିସ ଡରାଇଥିଲା ବୋଲି ମୃତକ ସୁଶାନ୍ତଙ୍କ ଭାଇ ଗଣମାଧ୍ୟମକୁ କହିଛି. ଭାଇକୁ ନିର୍ଦ୍ଧୁମ ମାଡ଼ ମାରିବା ସହ ଗରମ ପାଣି ଫୋପାଡ଼ିଥିବା ଅଭିଯୋଗ କରିଛନ୍ତି. ଶରୀର ସାରା ଚିହ୍ନ ଥିବା ଦେଖା ଯାଇଛି । ଅପର ପକ୍ଷରେ ଘଟଣାକୁ ଗୁରୁତର ସହ ନେଇ ଦକ୍ଷିଣାଞ୍ଚଳ ଆଇ. ଜି ନିର୍ଦ୍ଦେଶରେ ଘଟଣାର ତଦନ୍ତ ପାଇଁ ରାଜ୍ୟ ଏଚ ଆର ପି ସିର ଗୋଟିଏ ଟିମ ଗଠନ କରାଯାଇଛି । କବିସୁର୍ଯ୍ୟନଗର ପୋଲିସ ଷ୍ଟେସନରେ ସୁଶାନ୍ତ ସାହୁଙ୍କ ହେପାଜତରେ ମୃତ୍ୟୁ ଘଟଣା, ପ୍ରାଥମିକ ତଦନ୍ତ ଆଧାରରେ ନିର୍ଦ୍ଦେଶ ଜାରି । ନିତେଶ କୁମାର ମିଶ୍ର, ଆଇପିଏସ୍ ଏଏସ୍ପି (ଯୁ/ଟି) ଗଞ୍ଜାମ, ଯିଏ କବିସୂର୍ଯ୍ୟନଗର ପିଏସ୍‌ର ସ୍ୱାଧୀନ ଦାୟିତ୍ୱରେ ଅଛନ୍ତି, ସେମାନଙ୍କୁ ଅଧିକ ତଦନ୍ତ ପାଇଁ ଜିଲ୍ଲା ପୋଲିସ ମୁଖ୍ୟାଳୟ, ଗଞ୍ଜାମକୁ ପ୍ରତ୍ୟାହାର କରାଯାଇଛି । ତାଙ୍କ ସ୍ଥାନରେ ଜଣେ ଉପଯୁକ୍ତ ବିକଳ୍ପ ନିଯୁକ୍ତି କରିବାକୁ ଗଞ୍ଜାମର ଏସ୍ ?ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କବିସୁର୍ଯ୍ୟନଗର ଥାନାର ଏସଆଇ ସମୀର କୁମାର ରାଉତ, ବାଲିଚାଇ ଓପି, ସି/୫୮ର ଏଏସଆଇ ବୈକୁଣ୍ଠ ଜେନା, ସୁମନ କୁମାର ସାହୁଙ୍କୁ ପରବର୍ତ୍ତୀ ତଦନ୍ତ ପାଇଁ ନିଲମ୍ବିତ କରାଯାଇଛି। ଏଚଜି ୨୬୭ କୃଷ୍ଣ ଚନ୍ଦ୍ର ପ୍ରଧାନ (ଡ୍ରାଇଭର)ଙ୍କୁ କୌଣସି ପ୍ରକାରର ଦାୟିତ୍ୱ ଦିଆଯିବ ନାହିଁ ଏବଂ କମାଣ୍ଡେଣ୍ଟ ଐ.ଏଗ୍. ଗଞ୍ଜାମକୁ ଏଚଜି ସଂଗଠନରୁ ବିଛିନ୍ନ ହେବାର ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତରେ ନିରପେକ୍ଷତା ବଜାୟ ରଖିବା ପାଇଁ କବିସୂର୍ଯ୍ୟନଗର ପିଏସ୍ ଏବଂ ବାଲିଛାଇ ଓପିରେ ନିୟୋଜିତ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ଅନ୍ୟ ପୋଲିସ ସବଡିଭିଜନକୁ ସ୍ଥାନାନ୍ତର କରିବାକୁ ଗଞ୍ଜାମ ଏସ୍.ପି.ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାର ଅଧିକ ତଦନ୍ତର ଫଳାଫଳ ଉପରେ ଆଧାର କରି ପରବର୍ତ୍ତୀ ଯେକୌଣସି ଫୌଜଦାରୀ କିମ୍ବା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦକ୍ଷିଣାଞ୍ଚଳ ଆଇ. ଜି ନିର୍ଦ୍ଦେଶନାମା ଜାରୀ କରିଛନ୍ତି। ତଦନ୍ତ ପାଇଁ କବିସୂର୍ଯ୍ୟନଗର ଥାନାରେ ଗଞ୍ଜାମ ଏସପି ହରିଶ ବିଶି ଓ ଆଡ଼ସିନାଲ ଏସ.ପିଙ୍କ ଏକ ସ୍ୱତନ୍ତ୍ର ଟିମ ପହଂଚି ଘଟଣାର ତଦନ୍ତ କରୁଛନ୍ତି । ଥାନା ପରିସରେ ପୋଲିସର ଥାର୍ଡ଼ ଡିଗ୍ରୀ ଘଟଣାରେ ସମସ୍ତ ସିସିଟିଭି ପଟେଜ ଯାଞ୍ଚ କରାଯିବା ସହ ସତ୍ୟତାର ପ୍ରମାଣ ମିଳିଲେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନେଇ କହିଛନ୍ତି ଗଞ୍ଜାମ ଏସ. ପି । ସିସିଟିଭି ଯାଞ୍ଚ ହେବ ବୋଲି କହିଛନ୍ତି ଗଞ୍ଜାମ ଏସ. ପି. । କେବେ ଥାନାକୁ ଅଣା ଯାଇଥିଲା, କେତେଦିନ ତାଙ୍କୁ ରଖା ଯାଇଥିଲା ତାହାର ତଦନ୍ତ ହେବ. ନିୟମ ଅନୁଯାୟୀ ପୁଲିସ ଅଭିଯୁକ୍ତକୁ ଥାନାରେ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ରଖି ପାରିବ ନାହିଁ. । ତାହାର ସ୍ୱାସ୍ଥ୍ୟ ଅସୁସ୍ଥ ଥିଲା. ଗ୍ୟାଷ୍ଟିକ ଏବଂ ବାନ୍ତି ହେଉଥିଲା. କବିସୂର୍ଯ୍ୟନଗର ଏବଂ ଆସିକା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରା ଯାଇଥିଲା. କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହାର ତଦନ୍ତ ହେବ. ରାଜ୍ୟ ଏଚ ଆର ପି ସିର ଗୋଟିଏ ଟିମ ଗଠନ ହୋଇଛି । ଅନ୍ୟପଟେ ବ୍ରହ୍ମପୁର ବଡ଼ ମେଡିକାଲରେ ପୋଷ୍ଟ ମୋର୍ଟମ ପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରା ଯାଇଛି. ରାଜ୍ୟରେ ଦିନକୁ ଆଇନ ଶୃଙ୍ଖଳା ପରିସ୍ଥିତି ବିଗୁଡ଼ି ଥିବା ବେଳେ କବିସୂର୍ଯ୍ୟନଗର ପୋଲିସ ଥାନା ପିଟିପିଟି ଯୁବକଙ୍କୁ ହତ୍ୟା ଘଟଣାକୁ ନେଇ ସବୁଠି ଚର୍ଚ୍ଚା ଜୋର ଧରିଛି।

## ଛେଳି ଚରାଳୀକୁ ବାଘ ଖାଇଲା

### ସରକାରୀସ୍ତରରେ ତଦନ୍ତ ଜାରି

**ବାରିପଦା :** କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣୀ ରେଞ୍ଜ ର ଯଶିପୁର ନିକଟ ଏକତାଳି ଗ୍ରାମ ର ସାଧୁ ନାୟକ ନାମକ ଜଣେ ଛେଳି ଚରାଳି କୁ ଜଙ୍ଗଲରେ ବାଘ ମାରି ଖାଇ ଦେଇଥିବାର ଅଭିଯୋଗ ହୋଇଛି । ମୃତ ସାଧୁର ଦୁଇଟି ଖଣ୍ଡିଆ ଗୋଡ ଓ ପିନ୍ଧିଥିବା ଲୁଙ୍ଗି ଜଙ୍ଗଲରେ ପଡିଥିବାର ଦେଖାଦେଇଛି । ଏକ ମହାବଳ ବାଘ ସାଧୁ କୁ ମାରି ଖାଇଥିବାର ଗ୍ରାମବାସୀ ମନେ ଅଭିଯୋଗ କରିଛନ୍ତି । ତେବେ ଆଜି ଘଟଣାସ୍ଥଳକୁ ବନାଞ୍ଚଳ ଅଧିକାରୀ ମହାବୀର ମୁର୍ମୁ, କରଞ୍ଜିଆ ଡି ଏଫ ଓ ଅଜୟ କୁମାର ସାହୁ, ଏ ସି ଏଫ ପ୍ରଭାତ କୁଅଁର ଯଶିପୁର ବିଡ଼ିଓ ମାଧବ ସିଂ ବିରୁଆ, ଏସ ଟି ଆର ର ଉପ ନିର୍ଦ୍ଦେଶକ ଏବଂ ପୋଲିସ କର୍ମକର୍ତା ମନେ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଜାରି ରଖିଛନ୍ତି । ବାଘର ର ପାଦ ଚିହ୍ନ କିମ୍ବା ବାଘ ର ଉପସ୍ଥିତି ନେଇ ଘଟଣାର ସ୍ୱଷ୍ଟ କରିନାହାନ୍ତି । ମୃତ ସାଧୁର ଖଣ୍ଡିଆ ଗୋଡ଼ କୁ ଉଦ୍ଧାର କରି ଅଧିକ ତଦନ୍ତ ପାଇ ପଠାଯାଇଛି ।ଲୋକଙ୍କ ଅଭିଯୋଗ ରୁ ପ୍ରକାଶ ଯେ, ଗତକାଲି ସାଧୁ ନାୟକ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିଲା । ସନ୍ଧ୍ୟା ପରେବି ସାଧୁ ଘରକୁ ଫେରି ନଥିଲା । ଘର ଲୋକ ଖୋଜା ଖୋଜି କରିଥିଲେବି ସାଧୁ ର ସନ୍ଧାନ ମିଳି ନଥିଲା । ଆଜି ସକାଳେ କିଛି ଲୋକ ଜଙ୍ଗଲ କୁ ଯାଇଥିବା ସମୟରେ ସାଧୁର ଖଣ୍ଡିଆ ଗୋଡ଼ ଓ ଲୁଙ୍ଗି ପଡିଥିବାର ଦେଖିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ୧୮ତମ ପାଳି ଅଭିଯୋଗ ଶୁଣାଣି

# ୯୬ ପ୍ରତିଶତ ଅଭିଯୋଗର ହୋଇଛି ସମାଧାନ

- ଅଭିଯୋଗ ଶୁଣାଣି ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟିଛି
- ଦୁଇ ବର୍ଷ ମଧ୍ୟରେ ଜିଲ୍ଲାସ୍ତରରେ ୨.୪୦ ଲକ୍ଷ ଅଭିଯୋଗ ଶୁଣାଣି



**ଭୁବନେଶ୍ୱର :** ସୋମବାର ଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୮ତମ ପାଳି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୧୩ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ୨ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ଆଜିକୁ ମିଶାଇ ୧୮ ଥର ଶୁଣାଣି କରିସାରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ମଧ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ ଭେଟି ତାଙ୍କ ଅଭିଯୋଗ ଗ୍ରହଣ କରିଥାନ୍ତି। ଅଭିଯୋଗ ଶୁଣାଣି ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଯୋଗୁ ପ୍ରଶାସନର ବିଭିନ୍ନ ସ୍ତରରେ ଏହାର ସୁପ୍ରଭାବ ପଡିଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଏପ୍ରିଲ ମାସ ସୁଦ୍ଧା ୨.୪୦ ଲକ୍ଷ ଅଭିଯୋଗ ଶୁଣାଣି ହୋଇ ୯୨ ପ୍ରତିଶତ ସମାଧାନ ହୋଇଛି। ଏହା ଦ୍ୱାରା ସାଧାରଣ ଲୋକମାନେ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ ପ୍ରଭାବ ପକାଇଛି ଓ ସରକାରଙ୍କ ଉପରେ ସେମାନଙ୍କ ଆସ୍ଥା ବୃଦ୍ଧି ପାଇଛି। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ରୋଗରେ ପୀଡ଼ିତ ପ୍ରାୟ ୧୩ ଜଣ ଅଭିଯୋଗକାରୀଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୩.୬୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି।

## ଯୁବକଙ୍କୁ ହାତଗୋଡ଼ ବାନ୍ଧି ମରଣାନ୍ତକ ଆକ୍ରମଣ ସହ ଅପହରଣ

# ପାଞ୍ଚ ଦିନ ହେବ ନ୍ୟାୟ ନ ମିଳିବାରୁ ଥାନା ଘେରାଉ

**ଆଳି :** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମହାଦେଇ ପାଟଣା ଗ୍ରାମର ଅରୁଣ ସେଠୀଙ୍କ ପୁଅ ଗୌରାଙ୍ଗ ସେଠୀଙ୍କୁ କିଛି ବ୍ୟକ୍ତି ହାତ ଗୋଡ଼ ବାନ୍ଧି ମାଡ଼ ମାରି ଅପହରଣ କରିବା ଘଟଣାକୁ ପାଞ୍ଚ ଦିନ ବିତି ଯାଇଥିବା ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ଆଳି ଥାନା ଘେରାଉ କରିଛନ୍ତି ପରିବାର ଲୋକ । ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ମହାଦେଇପାଟଣା ଗ୍ରାମର ଗୌରାଙ୍ଗ ସେଠୀ ଗ୍ରାମର କିଛି ବ୍ୟକ୍ତିଙ୍କ ଗାଡିର କାଚ ଭାଙ୍ଗି ଦେଇଥିଲେ । ଏହି ଘଟଣା ପରେ ଗୌରାଙ୍ଗଙ୍କ ହାତ ଗୋଡ଼ ବାନ୍ଧି ୬ ଜଣରୁ ଉର୍ଦ୍ଧ ବ୍ୟକ୍ତି ନିସ୍ତୁକ ମାଡ଼ ମାରି ଅପହରଣ କରି ନେଇଥିବା ନେଇ ପରିବାର ଲୋକ ଆଳି ଥାନାରେ ଅଭିଯୋଗ କରିଥିଲେ । ପରିବାର ପକ୍ଷରୁ ଆଳି ଥାନାରେ ପାଞ୍ଚ ଦିନ ହେବ ଅଭିଯୋଗ ହୋଇଥିବା ବେଳେ ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ କରି ସୋମବାର ଅପରାହ୍ନରେ ଆଳି ଥାନା ଘେରାଉ କରିଥିଲେ। ସ୍ୱଷ୍ଟ ଦିବାଲୋକରେ ଗୌରାଙ୍ଗଙ୍କୁ ବିଚ ରାସ୍ତାରେ ହାତ ଗୋଡ଼ ବାନ୍ଧି ମାଡ଼ ମରାଯିବା ସହ ଅପହରଣ କରା ଯାଇଥିବା ବେଳେ ପୋଲିସ ଗୌରାଙ୍ଗର ଠିକଣା ପାଉଛି ନା ଅପହରଣ କାରୀଙ୍କ ନିକଟରେ ପହଞ୍ଚି ପାରୁଛି । ପୋଲିସ ଅନ୍ଧାରରେ ବାଡ଼ି ବୁଲାଉଥିବା ବେଳେ ଘଟଣାରେ ସାମିଲ ଥିବା ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି। ତେବେ ଘଟଣାକୁ ପାଞ୍ଚ ଦିନ ବିତି ଯାଇଥିବା ବେଳେ ଗୌରାଙ୍ଗ ଏବେ ଜୀବିତ କି ମୃତ ତାହା ସ୍ୱଷ୍ଟ ଜଣା ପଡ଼ିନାହିଁ । ଅପର ପକ୍ଷରେ ନିଖୋଜ ଗୌରାଙ୍ଗଙ୍କୁ ବିଚ ରାସ୍ତାରେ ହାତଗୋଡ଼ ବାନ୍ଧି ମାଡ଼ ମରାଯିବା ଓ ନଦୀ ପଠାରେ ଗୋଡ଼ ହାତ ବନ୍ଧା ଅବସ୍ଥାରେ ପଡି ପାଣି ମାଗିବା ଭିଡିଓ ଭାଇରଲ ହେବା ପରେ ଆଳି ପୋଲିସର ପାରିବା ପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି । ତୁରନ୍ତ ନିଖୋଜ ଗୌରାଙ୍ଗଙ୍କ ସନ୍ଧାନ ନେଇ ପରିବାର ଲୋକଙ୍କ ନିକଟରେ ପହଞ୍ଚାଇବା ଓ ମାଡ଼ ମାରି ଅପହରଣ କରିଥିବା ଅପରାଧୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକ ଦାବି କରିଛନ୍ତି । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଘଟଣାର ତଦନ୍ତ ଜାରି ରହିଛି ବୋଲି ପଟ୍ଟାମୁଣ୍ଡାଇ ଏସ ଡିପିଓ ସୁକାନ୍ତ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଚିକିତ୍ସିତ ମା'ଙ୍କୁ ଦେଖିବାକୁ ଯିବାବେଳେ ଅଘଟଣ

# କାରରେ ନିଆଁ ଲାଗି ଚାଲିଗଲା ପୁଅଙ୍କ ଜୀବନ

**ସୁନ୍ଦରଗଡ଼ :** ସୁନ୍ଦରଗଡ଼ ଟାଉନ ଥାନା ସମ୍ମୁଖରେ ରବିବାର ବିଳମ୍ବିତ ରାତିରେ ଭୟଙ୍କର ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ କାରରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ମୃତ ଯୁବକ ହେଉଛନ୍ତି ଲେଫ୍ରିପଡ଼ା ଥାନା ଅଞ୍ଚଳର ସୀତାରାମ ଓରଫ ବିଲୁ ଭୋଇ। ସୂଚନାନୁଯାୟୀ, ମୃତ ବିଲୁ ତାଙ୍କ ଅସୁସ୍ଥ ମାଆ ସୁନ୍ଦରଗଡ ସରକାରୀ ମେଡ଼ିକାଲ କଲେଜରେ ଭର୍ତ୍ତି ହୋଇଥିବାରୁ ତାଙ୍କୁ ଦେଖିବାକୁ ଆସୁଥିଲେ। ଟାଉନ ଥାନା ସମ୍ମୁଖରେ ଥିବା ହମ୍ପସ୍ ନିକଟରେ ତାଙ୍କ କାର ନିୟନ୍ତ୍ରଣ ହରାଇ ପ୍ରଥମେ ଡିଭାଇଡର ଏବଂ ପରେ ରାସ୍ତା ପାର୍ଶ୍ୱରେ ଥିବା ଲୁହା ବ୍ୟାରିକେଡ଼୍‌ରେ ଧକ୍କା ଦେଇଥିଲା। ଫଳରେ କାରଟି ଦ୍ରୁତଗତିରେ ଥିବାରୁ ଧକ୍କା ପରେ ସଙ୍ଗେସଙ୍ଗେ ନିଆଁ ଲାଗିଯାଇଥିଲା। ଦେଖୁଦେଖୁ କାରଟି ହୁତୁହୁତୁ ହୋଇ ଜଳିବା ଆରମ୍ଭ କରିଥିଲା। ସେହି ସମୟରେ ଟାଉନ ଥାନାରେ ଉପସ୍ଥିତ ଥିବା ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଥାନା ଆଇଆଇସି ସୁଶାନ୍ତ କୁମାର ପରିଡ଼ା ଓ ଅନ୍ୟ ପୋଲିସ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳକୁ ଦୌଡ଼ି ଆସି ନିଆଁ ଭିତରୁ ଯୁବକଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାର ଭୟାବହତା ଯୋଗୁ ସୀତାରାମଙ୍କର ଗୋଟିଏ ହାତ ଛିଣ୍ଡି ଯାଇଥିବାବେଳେ ସେ ଗୁରୁତର ହୋଇଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ସେତେବେଳକୁ କାରଟି ସମ୍ପୂର୍ଣ୍ଣ ଜଳି ଛାରଖାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ସୀତାରାମଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ ଦୁର୍ଘଟଣାର କାରଣ ନେଇ ତଦନ୍ତ ଜାରି ରଖିଛି।

## ୪୨ ଦିନରେ ରଥଖଳା ହାଲ୍‌ଚାଲ୍

# ଚକ ଅଖ ସଂଯୋଗ ହେବା ସହ ଦିଗ ନିର୍ଣ୍ଣୟ ସମ୍ପନ୍ନ

- ତିନିରଥର ଦଣ୍ଡା ଅଂଶ ଗୁଡ଼ିକର କଳଶା କାର୍ଯ୍ୟ ଜାରି
- ତିନିରଥର ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଆରମ୍ଭ





**ପୁରୀ :** ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖ । ଏଥିପାଇଁ ବଡଦାଣ୍ଡ ରାଜା ନଅର ସମ୍ମୁଖ ରଥଖଳାରେ ଆଗେଇ ଚାଲିଛି ତିନିରଥ ନିର୍ମାଣ । ଚଳଚଞ୍ଚଳ ହୋଇ ଉଠିଛି ରଥଖଳା । ସୋମବାର ରଥ ନିର୍ମାଣର ୪୨ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନ ପ୍ରକାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ରବିବାର ତିନିରଥ ର ଦଣ୍ଡା ଫ୍ରେମ୍ ଖୋଲା ଯିବା ପୂର୍ବରୁ ଫ୍ରେମ୍ ର ବିଭିନ୍ନ ଅଂଶ ଗୁଡ଼ିକର ନମ୍ବରିଙ୍ଗ କାର୍ଯ୍ୟ ଶେଷ ହୋଇ ଦଣ୍ଡାର ସଂଯୁକ୍ତ ଅଂଶ ଗୁଡ଼ିକର କଳଶା କାର୍ଯ୍ୟ ପାଇଁ ମାପ ଚିହ୍ନ ଗାରିଆ ଶେଷ ହୋଇଥିଲା । ତିନିରଥର ସମସ୍ତ ଚକ – ଅଖ ସଂଯୋଗ ଶେଷ ହୋଇଛି। ତିନିରଥର ମୁଖ୍ୟ ମହାରଣା ଏବଂ ଭୋଇ ସର୍ଦ୍ଦାର ରବି ଭୋଇ ଙ୍କ ନେତୃତ୍ୱରେ ତିନିରଥର ଭୋଇ ସେବକ ମାନଙ୍କ ସହାୟତାରେ ଚକ – ଅଖ ସଂଯୋଗ ସମ୍ପୂର୍ଣ୍ଣ ହୋଇଅଛି । ଆଜି ତିନିରଥର ଚକ ଥାକ ସହ ଚକ ଅଖକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଇ ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହୋଇଛି । ଆବଶ୍ୟକ ଅନୁଯାୟୀ ଅଖ ସଂଶୋଧନ କାର୍ଯ୍ୟ ସହ ଚକ ଆଗକୁ ନଗଡି ଯିବା ପାଇଁ ଚକ ଦୁଇ ପାର୍ଶ୍ୱରେ ବାନ୍ଧ ଲାଗି କରାଯାଇଥିଲା । ଏଥିସହ ତାଳଧ୍ୱଜ ରଥ ଏବଂ ନନ୍ଦି ଘୋଷ ରଥର ୧୨ ଟି ଲେଖାଏଁ ଗୟଳ ରୁ ୫ ଟି ଲେଖାଏଁ ଗୟଳ ର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଦର୍ପଦଳନ ରଥର ୮ ଗୋଟି ଗୟଳ ମଧ୍ୟରୁ ଦୁଇଟି ଗୟଳ ର ଚଉପଟ କାର୍ଯ୍ୟ ଶେଷ ହେବା ସହ ଆଉ ଦୁଇଗୋଟି ଗୟଳର ଚଉପଟ କାର୍ଯ୍ୟ ଜାରୀ ରହିଛି। ଏଥିସହ ମହାରଣା ସେବକ ମାନେ ତିନିରଥର ଦଣ୍ଡା ଅଂଶ ଗୁଡ଼ିକର କଳଶା କାର୍ଯ୍ୟ ଜାରୀ ରଖିଛନ୍ତି। ରୂପକାର ସେବକ ମାନେ ତିନିରଥର ବେଦୀ ସିଂହାସନ ମୁହାଁଟି ରେ କୁମ୍ଭ, ଡାଳି ଲତା ଚିତ୍ର ଖୋଦେଇ ସହ ଆଜି ତିନିରଥର ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଚିତ୍ର ଅଙ୍କନ ପରେ ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ଠାରେ ତିନି ରଥର ଓଝା କମାର ସେବକ ମାନେ ଦଣ୍ଡା କଣ୍ଟା ନିର୍ମାଣ ଶେଷ କରି ତିନିରଥ ର ପୋଟଳ ପାଇଁ ଜଙ୍ଘା କଣ୍ଟା ସହ ନଦା ବାଗିଆ କଣ୍ଟା ସେବନ ଗୟଳ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ତଥା ରଥଯାତ୍ରା ରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି ।

ସମ୍ପାଦକୀୟ

# ଟଙ୍କାର ସର୍ବାଧିକ ଅବମୂଲ୍ୟାୟନ

ଏବେ ଟଙ୍କାର ଯେଭଳି ଭାବେ ଅବମୂଲ୍ୟାୟନ ଚାଲିଛି, ତାହା ଉଭୟ ଭାରତୀୟ ଗ୍ରାହକ ଏବଂ ନିବେଷକଙ୍କ ପାଇଁ ଅତି ଚିନ୍ତାର ବିଷୟ ହୋଇଯାଇଛି। ଯାହାକୁ ନେଇ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟ ଚିନ୍ତାପ୍ରକଟ କରିଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଟଙ୍କାର ଅବମୂଲ୍ୟାୟନରେ ରୋକ୍ ଲଗାଇବା ପାଇଁ ବହୁବିଧ ପ୍ରଚେଷ୍ଟା ଜାରି ରଖିଥିଲେ ମଧ୍ୟ ଆର୍‌ବିଆଇ ତା'ର ଲକ୍ଷ୍ୟ ସାଧନରେ ସଫଳ ହୋଇପାରିନାହିଁ। ଟଙ୍କାର ଅବମୂଲ୍ୟାୟନ ଯେଭଳି ପ୍ରସଙ୍ଗ ଏ ଦିଗରେ କେବଳ ଆର୍‌ବିଆଇ ରୋକ୍ ଲାଗାଇପାରେ। କାରଣ କେବଳ ଆର୍‌ବିଆଇର ସେଭଳି କିଛି କ୍ଷମତା ରହିଛି। ହେଲେ ଆର୍‌ବିଆଇ କିନ୍ତୁ ସେପରି ଲକ୍ଷ୍ୟ ହାସଲ କରିବାରେ ବିଫଳ ରହିଛି। ଯାହା ପଛରେ ପ୍ରମୁଖ କାରଣ ଦର୍ଶାଯାଇଛି ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସ୍ଥିତି ଯାହାକି କେବେ ବି ଥମିବାର ନାଁ ନେଉନି। ମଝିରେ ମଝିରେ କେବଳ ଅସ୍ତ୍ର ବିରତି ହେଉଛି ଯାହାକି ସାମୟିକ ସମୟ ପାଇଁ ଯୁଦ୍ଧ ସ୍ଥିତିରେ ବିରାମ ତ ଲଗାଉଛି ହେଲେ ସ୍ଥାୟୀ ଭାବରେ ଯୁଦ୍ଧ ସ୍ଥିତିରେ କୌଣସି ପରିବର୍ତ୍ତନ ଆସିପାରୁନହିଁ। ଯାହାକି ମଧ୍ୟପ୍ରାଚ୍ୟ ପରିବେଶକୁ, ମଧ୍ୟପ୍ରାଚ୍ୟ ପରିସ୍ଥିତିକୁ ଆହୁରି ଜଟିଳ କରିପକାଉଛି; ଯାହାର ସିଧା ପ୍ରଭାବ ଭାରତୀୟ ବଜାର ଉପରେ ପଡୁଛି। ସେୟାର୍ ବଜାର ମଧ୍ୟ ତଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହେଉଛି। ଆହୁରି ଏକ ବିଶେଷ କଥା ହେଲା ମୁଦ୍ରାର ମଧ୍ୟ ହେଉଛି ଅବମୂଲ୍ୟାୟନ ଯାହାର କୁପ୍ରଭାବ ଭାରତୀୟ ବଜାର ଉପରେ ପଡ଼ିବା ଆରମ୍ଭ ହୋଇଗଲାଣି। ଯାହା ଉପରେ ରୋକ୍ ଲଗାଇବା ନେଇ କେବଳ ଆର୍‌ବିଆଇ କିଛି ସକାରାତ୍ମକ ପଦକ୍ଷେପ ନେଇପାରେ ହେଁ ତଥାପି ଆର୍‌ବିଆଇ ମଧ୍ୟ ଫେଲ୍ ମାରିଛି ଏବଂ ଫେଲ୍ ପଛର କାରଣ କେବଳ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଦର୍ଶାଉଛି ଯାହାକି କେବଳ ମଧ୍ୟପ୍ରାଚ୍ୟ ପାଇଁ ନୁହେଁ, ସାରା ଏସିଆ ପାଇଁ, ଏପରିକି ସାରା ବିଶ୍ୱ ପାଇଁ ବିପଦର କାରଣ ସାଜିଛି। ତେବେ ବିଶେଷ କଥା ହେଲା ମଧ୍ୟପ୍ରାଚ୍ୟରେ ଇରାନ୍ ଏବଂ ଆମେରିକା ମଧ୍ୟରେ ଲାଗିରହିଥିବା ଯୁଦ୍ଧ କାରଣରୁ ଭାରତୀୟ ଟଙ୍କାର ମୂଲ୍ୟ ଆମେରିକୀ ଡଲାର ତୁଳନାରେ ଯେଭଳି ଭାବେ ହ୍ରାସ ପାଇବାରେ ଲାଗିଛି, ତାହା ଏବେ ଭାରତ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଭାରତ ସରକାରଙ୍କ ସର୍ବୋଚ୍ଚ ଆର୍ଥିକ ସଂସ୍ଥା ଆର୍‌ବିଆଇ ମଧ୍ୟ ଏଥିନେଇ ବେଶ୍ ଚିନ୍ତିତ। ଏ ସବୁ ପଛର କେବଳ ଗୋଟାଏ ମାତ୍ର କାରଣ ହେଉଛି ମଧ୍ୟପ୍ରାଚ୍ୟରେ ଇରାନ୍ ଏବଂ ଆମେରିକା ମଧ୍ୟରେ ଦିନକୁ ଦିନ ହେଉଥିବା ଜଟିଳ ଯୁଦ୍ଧ ପରିସ୍ଥିତି। ସ୍ଥିତି ଏପରି ହୋଇଛି ଯେ ଗତ ଦୁଇଦିନ ତଳେ ଟଙ୍କାର ସର୍ବାଧିକ ଅବମୂଲ୍ୟାୟନ ଘଟି ତାହା ତିନି ପ୍ରତିଶତ ହ୍ରାସ ପାଇଛି। ଯାହାଦ୍ୱାରା ଟଙ୍କାର ବିନିମୟ ମୂଲ୍ୟ ଆମେରିକୀ ଡଲାର ତୁଳନାରେ ଏବେ ୯୫ ରେ ପହଞ୍ଚିଗଲାଣି ଅର୍ଥାତ୍ ଆମେରିକାର ଏକ ଡଲାରର ମୂଲ୍ୟ ରହିଛି ୯୪.୮୬ ପଇସା ରହିଛି। ଯାହାକି ଭାରତୀୟ ମୁଦ୍ରାର ଏଯାବତ୍ ଅବମୂଲ୍ୟାୟନ କ୍ଷେତ୍ରରେ ସର୍ବାଧିକ ବୋଲି କୁହାଯାଇପାରେ। ଯାହା ଆର୍‌ବିଆଇର ନିଜସ୍ୱ ମତ। ଯାହା ପଛରେ ମୁଖ୍ୟ କାରଣ ମଧ୍ୟପ୍ରାଚ୍ୟରେ ଇରାନ୍ ଏବଂ ଆମେରିକା ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ସ୍ଥିତିକୁ କେବଳ ଦାୟୀ କରାଯାଇପାରେ। ଯାହାକି କେବେ ବି ବନ୍ଦ ହେଉନି କି ନିକଟରେ ବି ବନ୍ଦ ହେବାର ସେମିତି କିଛି ଆଶା ଦେଖାଯାଉନି। ମଝିରେ ମଝିରେ କେବଳ ଅସ୍ତ୍ରବିରତି ହେଉଛି ଯାହାକି ମଧ୍ୟପ୍ରାଚ୍ୟ ଯୁଦ୍ଧକୁ କେବଳ ସାମୟିକ ସମୟ ପାଇଁ ଅବା କିଛି ନିର୍ଦ୍ଦିଷ୍ଟ ସମୟ ବିରାମ ଦେଉଛି ଯାହାକି ଯୁଦ୍ଧ ବନ୍ଦର କୌଣସି ସ୍ଥାୟୀ ସମାଧାନ ନୁହେଁ କି ଯାହଦ୍ୱାରା ଯୁଦ୍ଧ ସ୍ଥାୟୀ ଭାବରେ ବନ୍ଦ ହୋଇପାରୁ ନାହିଁ। ଯାହାକି ଯୁଦ୍ଧ ସ୍ଥିତିରେ କୌଣସି ସ୍ଥାୟୀ ସମାଧାନ ଆଣିବାରେ ସକ୍ଷମ ହୋଇପାରୁନାହିଁ କି ସ୍ଥାୟୀ ଭାବରେ ଯୁଦ୍ଧ ସ୍ଥିତିରେ ମଧ୍ୟ ସେମିତି କିଛି ପରିବର୍ତ୍ତନ ଆଣିପାରୁନହିଁ। ଯାହ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସାରା ଏସିଆର ପରିବେଶକୁ ଏକ ବିଷମ ପରିସ୍ଥିତ ଭିତରକୁ ଟାଣିନେଉଛି। ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସ୍ଥିତିକୁ ଆହୁରି ଜଟିଳ କରିପକାଉଛି; ଯାହାର ସିଧା ପ୍ରଭାବ ଭାରତୀୟ ବଜାର ଉପରେ ପଡୁଛି। ତାହାଦ୍ୱାରା ଭାରତୀୟ ସେୟାର ବଜାର ମଧ୍ୟ ପ୍ରଭାବିତ ହେଉଛି। ଗତ ବୁଧବାର ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ୍ ପିଛା ୧୧୭ ଡଲାର ଟପିବା ଏବଂ ପରେ ପରେ ବିଦେଶୀ ନିବେଶକଙ୍କ ଦ୍ୱାରା ସେୟାର ବଜାରରୁ ସର୍ବାଧିକ ପୁଞ୍ଜି ପ୍ରତ୍ୟାହାର କରିନିଆଯିବା ଯାହା ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ପ୍ରକ୍ରିୟାକୁ ବହୁଳ ଭାବେ କୁପ୍ରଭାବିତ କରିଛି। ତେବେ ପଶ୍ଚିମ ଏସିଆରେ ଯୁଦ୍ଧ ସ୍ଥିତି ଦିନକୁ ଦିନ ଜଟିଳ ହେଉଥିବା କାରଣରୁ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ଘଟିବା ନିଶ୍ଚିତ ବୋଲି ଯାହା ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ସାଧାରଣ ଯୁବକ

ଜଣେ ଯୁବକ ଥରେ କୌଣସି ଜରୁରୀ କାମରେ ବାହାରିଗଲେ ଏକ ଦୂର ସ୍ଥାନକୁ। ତାଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲ। ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଏ ପାନ୍ଥଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାନ୍ଥଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବର୍ତ୍ତିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାନ୍ଥଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛି ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ୍ କିନ୍ତୁ ପାନ୍ଥଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚିଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କ୍ର ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା, ତାହା ହେଉଛି ପ୍ରକୃତ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ।

# ଗାଆଁ ହେଉଛି ଭାରତର ଆତ୍ମା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ପୂର୍ବ ତୁଳନାରେ, ଗାଆଁର ବର୍ତ୍ତମାନର ଅବସ୍ଥା ଅନେକ ପରିବର୍ତ୍ତନକୁ ପ୍ରତିଫଳିତ କରେ। ଏହି ପରିବର୍ତ୍ତନ ଗୁଡ଼ିକ ସକାରାତ୍ମକ ଏବଂ ନକାରାତ୍ମକ ଉଭୟ, କାରଣ ଗ୍ରାମ୍ୟ ଜୀବନଶୈଳୀରେ ଏକ ନୂତନ ପରିବର୍ତ୍ତନ ଆସିଛି। ଗାଁରେ ଆଧୁନିକ ସୁବିଧା ଦ୍ରୁତ ଗତିରେ ବିକାଶ ହେଉଛି। ରାସ୍ତା, ବିଦ୍ୟୁତ୍, ପାନୀୟ ଜଳ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପୂର୍ବ ଅପେକ୍ଷା ଭଲ ଅଛି। ଅନେକ ଗାଆଁରେ ପକ୍କା ରାସ୍ତା ନିର୍ମାଣ ସହର ସହିତ ସଂଯୋଗୀକରଣକୁ ସହଜ କରିଛି। ବିଦ୍ୟୁତ୍ ବୃଦ୍ଧି ସହିତ, ଲୋକମାନେ ଟେଲିଭିଜନ, ମୋବାଇଲ୍ ଫୋନ୍ ଏବଂ ଇଣ୍ଟରନେଟ୍ ମାଧ୍ୟମରେ ସୂଚନା ପାଇପାରୁଛନ୍ତି। କୃଷି କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଆସିଛି। ପୂର୍ବରୁ ପାରମ୍ପରିକ ପଦ୍ଧତିରେ ଚାଷ କରାଯାଉଥିଲା, କିନ୍ତୁ ବର୍ତ୍ତମାନ ଆଧୁନିକ ଯନ୍ତ୍ରପାତି, ରାସାୟନିକ ସାର ଏବଂ ବୈଜ୍ଞାନିକ ପଦ୍ଧତି ବ୍ୟବହାର କରାଯାଉଛି। ଏହା ଉତ୍ପାଦନ ବୃଦ୍ଧି କରିଛି, କିନ୍ତୁ ମାଟିର ଉର୍ବରତା ଏବଂ ପରିବେଶ ପ୍ରଦୂଷଣ ମଧ୍ୟ ହ୍ରାସ ପାଉଛି। ଶିକ୍ଷାର ଗୁଣବତ୍ତା ଉନ୍ନତ ହୋଇଛି। ଗ୍ରାମୀଣ ଛାତ୍ରମାନେ ଏବେ ଉଚ୍ଚ ଶିକ୍ଷା ପାଇଁ ସହରରେ ଭଲ ଚାକିରି ଖୋଜୁଛନ୍ତି। ତଥାପି, ଏହା ଗାଁରେ ଯୁବଶକ୍ତିକୁ ହ୍ରାସ କରୁଛି, ଏହି ଘଟଣା ଯାହାକୁ ଅନ୍ତଗ୍ରାମୀଣ ପ୍ରବାସନ କୁହାଯାଏ। ସାମାଜିକ ଏବଂ ସାଂସ୍କୃତିକ ପରିବର୍ତ୍ତନ ମଧ୍ୟ ଘଟୁଛି। ପୂର୍ବରୁ, ଗାଁରେ ସମ୍ପ୍ରଦାୟ ଏବଂ ସଂହତିର ଏକ ଦୃଢ଼ ଭାବନା ଥିଲା, କିନ୍ତୁ ବର୍ତ୍ତମାନ ବ୍ୟକ୍ତିବାଦ ବୃଦ୍ଧି ପାଇଛି। ପାରମ୍ପରିକ ପର୍ବ ଏବଂ ପ୍ରଥା ଧୀରେ ଧୀରେ ହ୍ରାସ ପାଉଛି। ଆର୍ଥିକ ପରିବର୍ତ୍ତନ ମଧ୍ୟ ଘଟିଛି। କେବଳ କୃଷି ଉପରେ ନିର୍ଭରଶୀଳତା ହ୍ରାସ ପାଇଛି, ଏବଂ ଛୋଟ ବ୍ୟବସାୟ, ଦୈନିକ ମଜୁରିଆ ଶ୍ରମିକ, ସରକାରୀ ଯୋଜନା ଏବଂ ଆତ୍ମନିଯୁକ୍ତି ବୃଦ୍ଧି ପାଇଛି। ତଥାପି, ଦାରିଦ୍ର୍ୟ ଏବଂ ବେକାରୀ ସମସ୍ୟା ଜାରି ରହିଛି।

ଗାଆଁ ହେଉଛି ଭାରତର ଆତ୍ମା। ପ୍ରାଚୀନ କାଳରେ, ଗାଆଁ ସରଳତା, ସମନ୍ୱୟ ଏବଂ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କର ସମାର୍ଥକ ଥିଲା। ତଥାପି, ପରିବର୍ତ୍ତନଶୀଳ ସମୟ ସହିତ, ଗାଁର ଦୃଶ୍ୟ ମଧ୍ୟ ଅନେକ ଦିଗରେ ପରିବର୍ତ୍ତନ ହୋଇଛି। ଆଜିର ଗାଆଁ ଗୁଡ଼ିକ ପୂର୍ବଠାରୁ ଅନେକ ଦିଗରେ ଭିନ୍ନ। ସେତେବେଳେ ପରିବେଶ ସୁନ୍ଦର ଏବଂ ସଫା ଥିଲା। ସବୁଠି ସବୁଜିମା, ଗଛ, ନଦୀ, ନାଳ ଏବଂ ଖୋଲା ଆକାଶ ଦୃଶ୍ୟମାନ ହେଉଥିଲା। ବାୟୁ ସ୍ୱଚ୍ଛ ଏବଂ ନିର୍ମଳ ଥିଲା। ଲୋକମାନେ ପ୍ରକୃତି ସହିତ ସମନ୍ୱୟରେ ବାସ କରୁଥିଲେ। ତଥାପି, ଆଜିର ଗାଆଁ ଗୁଡ଼ିକରେ ଅନେକ ପରିବର୍ତ୍ତନ ଦୃଶ୍ୟମାନ ହେଉଛି। ଗଛ କଟା ହେଉଛି, ଜଳ ଉତ୍ସ ଶୁଖିଯାଉଛି, ଏବଂ ପରିବେଶ ପ୍ରଦୂଷିତ ହେଉଛି। ଯାନବାହାନ ଏବଂ କୃଷିରେ ରାସାୟନିକ ପଦାର୍ଥର ବ୍ୟବହାର ପରିବେଶକୁ ପ୍ରଭାବିତ କରୁଛି। ପୂର୍ବରୁ, ଗ୍ରାମବାସୀଙ୍କ ଜୀବନ ସରଳ ଏବଂ ସାଧାରଣ ଥିଲା। ସେମାନେ ଅଧିକାଂଶ ଚାଷ କରୁଥିଲେ ଏବଂ ଏକ ସାଧାରଣ ଜୀବନଯାପନ କରୁଥିଲେ। ସେମାନଙ୍କର ଖାଦ୍ୟ ସୁସ୍ଥ ଏବଂ ସ୍ୱାଦିଷ୍ଟ ଥିଲା, ଯାହା ସେମାନଙ୍କ ନିଜସ୍ୱ ଜମିରୁ ପ୍ରାପ୍ତ ହୋଇଥିଲା। ଆଜି, ଗ୍ରାମବାସୀଙ୍କ ଜୀବନଶୈଳୀରେ ଯଥେଷ୍ଟ ପରିବର୍ତ୍ତନ ଆସିଛି। ଲୋକମାନେ ଆଧୁନିକ ସୁବିଧା ଉପଭୋଗ କରୁଛନ୍ତି। ଟେଲିଭିଜନ, ମୋବାଇଲ୍ ଫୋନ୍ ଏବଂ ଇଣ୍ଟରନେଟ୍ ଗାଆଁ ପର୍ଯ୍ୟନ୍ତ ପହଞ୍ଚିଛି ଏବଂ ବାହାର ଖାଦ୍ୟର ପ୍ରଭାବ ମଧ୍ୟ ବୃଦ୍ଧି ପାଇଛି।

ପୂର୍ବରୁ ଗାଆଁ ଗୁଡ଼ିକରେ ଶିକ୍ଷା ସୁବିଧା ସୀମିତ ଥିଲା। ଅଧିକାଂଶ ଲୋକ ନିରକ୍ଷର ଥିଲେ ଏବଂ ସେମାନଙ୍କୁ ଶିକ୍ଷା ପାଇଁ ସହରକୁ ଯିବାକୁ ପଡୁଥିଲା। ଆଜି, ପ୍ରତ୍ୟକ ଗାଆଁ ଗୁଡ଼ିକରେ ଶିକ୍ଷାରେ ଯଥେଷ୍ଟ ଉନ୍ନତି ହୋଇଛି। ସରକାରୀ ସ୍କୁଲ, କଲେଜ ଏବଂ ବିଭିନ୍ନ ଯୋଜନା ମାଧ୍ୟମରେ ଶିକ୍ଷାକୁ ପ୍ରୋତ୍ସାହିତ କରାଯାଉଛି। ଛାତ୍ରମାନେ ଏବେ ଡିଜିଟାଲ ଭାବରେ ମଧ୍ୟ ପଢୁଛନ୍ତି। ପୂର୍ବରୁ, ଗାଆଁ ଗୁଡ଼ିକରେ ପରିବହନ ସୁବିଧା ବହୁତ ଖରାପ ଥିଲା। ଲୋକମାନେ ପାଦରେ କିମ୍ବା ବଳଦ ଗାଡ଼ିରେ ଯାତ୍ରା କରୁଥିଲେ। ସଂଯୋଗୀକରଣ ମଧ୍ୟ ଖରାପ ଥିଲା। ଆଜି ରାସ୍ତା, ବସ୍, ମୋଟରସାଇକେଲ୍ ଏବଂ ଅନ୍ୟାନ୍ୟ ଯାନବାହାନ ଉପଲବ୍ଧ। ମୋବାଇଲ୍ ଏବଂ ଇଣ୍ଟରନେଟ୍ ସଂଯୋଗ ବହୁତ ସହଜ ହୋଇଯାଇଛି। ପୂର୍ବରୁ, ଗାଆଁ ଗୁଡ଼ିକର ଆର୍ଥିକ ଅବସ୍ଥା କୃଷି ଉପରେ ମୁଖ୍ୟତଃ ନିର୍ଭର କରୁଥିଲା। ଆୟ ସୀମିତ ଥିଲା ଏବଂ ଜୀବନ ସରଳ ଥିଲା। ଆଜି ଲୋକମାନେ ବିଭିନ୍ନ ବୃତ୍ତିରେ ନିୟୋଜିତ। ଚାଷ ସହିତ, ବ୍ୟବସାୟ, ଚାକିରି ଏବଂ ଛୋଟ କାମ ମଧ୍ୟ ବୃଦ୍ଧି ପାଇଛି। ଆର୍ଥିକ ଅବସ୍ଥା ଉନ୍ନତ ହୋଇଛି। ପୂର୍ବରୁ, ଗାଆଁ ଗୁଡ଼ିକରେ ସମ୍ପର୍କ ଏବଂ ବନ୍ଧୁତା ବହୁତ ମଜବୁତ ଥିଲା। ପଡ଼ୋଶୀମାନେ ପରସ୍ପରକୁ ସାହାଯ୍ୟ କରୁଥିଲେ। ପର୍ବ ଏବଂ ଉତ୍ସବଗୁଡ଼ିକ ଗୋଷ୍ଠୀ ଭାବରେ ପାଳନ କରାଯାଉଥିଲା। ଆଜି ଏହି ବନ୍ଧନ କିଛିଟା ହ୍ରାସ ପାଇଛି। ଲୋକମାନେ ବ୍ୟସ୍ତବହୁଳ ଜୀବନ ବିତାଉଛନ୍ତି ଏବଂ ସେମାନଙ୍କର ପରିଚୟ ବିସ୍ତାର ହୋଇଛି।

ପୂର୍ବରୁ ଗାଆଁ ଗୁଡ଼ିକରେ ଚିକିତ୍ସା ସୁବିଧା ବହୁତ ଖରାପ ଥିଲା। ଲୋକମାନେ ଘରୋଇ ଉପଚାର କିମ୍ବା ପାରମ୍ପରିକ ପଦ୍ଧତି ଉପରେ ନିର୍ଭର କରୁଥିଲେ। ଆଜି ହସ୍ପିଟାଲ ଏବଂ ଆଶା କର୍ମୀମାନଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆ ଯାଉଛି। ଜୀବନର ଗୁଣବତ୍ତା ଉନ୍ନତ ହୋଇଛି। ପୂର୍ବରୁ, ପ୍ରଯୁକ୍ତିବିଦ୍ୟା କୌଣସି ଭୂମିକା ଗ୍ରହଣ କରିନଥିଲା, ସମସ୍ତ କାମ ହାତରେ କରାଯାଉଥିଲା। ପ୍ରଯୁକ୍ତିବିଦ୍ୟା ଆଜିର ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଚାଷରେ ଟ୍ରାକ୍ଟର, ମେସିନ୍ ଏବଂ ଜଳସେଚନ ବ୍ୟବସ୍ଥା ବ୍ୟବହାର କରାଯାଏ। ଡିଜିଟାଲ୍ ପେମେଣ୍ଟ ଏବଂ ଅନଲାଇନ୍ ସେବା ମଧ୍ୟ ଲୋକପ୍ରିୟ। ପୂର୍ବ ଗାଆଁ ଗୁଡ଼ିକରେ ମୂଲ୍ୟବୋଧ ଏବଂ ସଂସ୍କୃତିକୁ ଅତ୍ୟନ୍ତ ମୂଲ୍ୟବାନ କରାଯାଉଥିଲା। ବୟସ୍କମାନଙ୍କୁ ସମ୍ମାନ କରାଯାଉଥିଲା ଏବଂ ପରମ୍ପରାଗୁଡ଼ିକୁ ଅନୁସରଣ କରାଯାଉଥିଲା। କିନ୍ତୁ ଆଜି ଏହି ମୂଲ୍ୟବୋଧ କିଛିଟା ହ୍ରାସ ପାଇଛି। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ବୃଦ୍ଧି ପାଇଛି। ତଥାପି, ମୂଳ ଗ୍ରାମ ସଂସ୍କୃତି ଏବେ ବି କିଛି ବଞ୍ଚି ରହିଛି। ପୁରୁଣା ଗାଆଁ ଏବଂ ଆଜିର ଗାଆଁ ମଧ୍ୟରେ ଅନେକ ପରିବର୍ତ୍ତନ ହୋଇଛି। ପୂର୍ବରୁ ଗାଆଁ ଗୁଡ଼ିକ ସରଳ ଏବଂ ପ୍ରକୃତି-ଭିତ୍ତିକ ଥିଲା, ଯେତେବେଳେ ଆଜିର ଆଧୁନିକ ଏବଂ ବିକଶିତ। ଏହି ପରିବର୍ତ୍ତନ ସହିତ, ଆମକୁ ପୁରୁଣା ମୂଲ୍ୟବୋଧ ଏବଂ ପରମ୍ପରାକୁ ସଂରକ୍ଷଣ କରିବାକୁ ପଡିବ। ଯଦି ସଂସ୍କୃତି ଏବଂ ପ୍ରକୃତି ପ୍ରଗତି ସହିତ ସମନ୍ୱୟ ରଖେ, ତେବେ ଗାଆଁର ମୂଳ ସୌନ୍ଦର୍ଯ୍ୟ ବଜାୟ ରହିବ। ତଥାପି, ଆଜିର ଗାଆଁ ଗୁଡ଼ିକ ପରିବେଶ ଏବଂ ସ୍ୱାସ୍ଥ୍ୟ ସମସ୍ୟାର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ଜଳ ପ୍ରଦୂଷଣ, ଜଙ୍ଗଲ କ୍ଷୟ ଏବଂ ପ୍ଲାଷ୍ଟିକର ବର୍ଦ୍ଧିତ ବ୍ୟବହାର ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଆଜିର ଗାଆଁ ବହୁ ବିକଶିତ ତଥାପି ଏହି ବିକାଶ ସତ୍ତ୍ୱେ, ଆମକୁ ଆମର ଗାଆଁ ଗୁଡ଼ିକର ପ୍ରାଚୀନ ପରମ୍ପରା, ସଂସ୍କୃତି ଏବଂ ପରିବେଶକୁ ସଂରକ୍ଷଣ କରିବାକୁ ପଡିବ। ତେଣୁ, ପୁରୁଣା ଗାଆଁ ଏବଂ ଆଜିର ଗାଆଁ ଦୁଇଟି ଭିନ୍ନ ଚିତ୍ର ଉପସ୍ଥାପନ ହେଉଥିଲେ ମଧ୍ୟ, କିନ୍ତୁ ଉଭୟର ନିଜସ୍ୱ ସୌନ୍ଦର୍ଯ୍ୟ ଏବଂ ମୂଲ୍ୟ ଅଛି ଓ ଆଗକୁ ରହିବ।

ଅରଙ୍ଗାବାଦ ବରୀ ଯାଜପୁର
୮୨୪୯୫୦୨୭୭୬

# ଖାଦ୍ୟ ଅସୁରକ୍ଷା

ସୌଭାଗ୍ୟ ରଂଜନ ମହାନ୍ତି

ବଂଚିବା ପାଇଁ ଖାଦ୍ୟ ଜରୁରୀ, କିନ୍ତୁ ବିଶ୍ୱରେ କ୍ଷୁଧା ଏବେ ବି ଏକ ଗୁରୁତ୍ୱର ଚ୍ୟାଲେ ହୋଇରହିଛି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଦ୍ୱାରା ପ୍ରସ୍ତୁତ ୨୦୨୬ ବୈଶ୍ୱିକ ଦୃଷ୍ଟିକୋଣ ରିପୋର୍ଟ ଅନୁଯାୟୀ ସମଗ୍ର ବିଶ୍ୱରେ ପ୍ରାୟ ୩୧୮ ମିଲିଅନ ଲୋକ ଭୋକିଲା ପେଟରେ ଶୋଇବାକୁ ଯାଇଥାନ୍ତି। ଅର୍ଥାତ ଗୋଟିଏ ଓଳି ଖାଇବାକୁ ମୁଠାଏ ଖାଦ୍ୟ ଖାଇବାକୁ ପାଇନଥାନ୍ତି। କେବଳ ଏତିକି ନୁହେଁ, ସେମାନଙ୍କ ମଧ୍ୟରୁ ୪୧ ମିଲିଅନ ଲୋକ ଗୁରୁତର ଖାଦ୍ୟ ଅସୁରକ୍ଷା ଧମକର ସମ୍ମୁଖୀନ ହେଉଛନ୍ତି। ଭାରତ ଏଭଳି ଧମକରୁ ମୁକ୍ତ ନୁହେଁ ବୋଲି ରିପୋର୍ଟରେ କୁହାଯାଇଛି। ୨୦୨୫ ବୈଶ୍ୱିକ କ୍ଷୁଧା ସୂଚ୍ୟାଙ୍କ ଅନୁଯାୟୀ ୧୨୩ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୨ରେ ରହିଥିବାବେଳେ ୨୫.୮ ସ୍କୋର ଅର୍ଜନ କରିଛି। ଯାହାକି ଗୁରୁତର ଖାଦ୍ୟ ଅସୁରକ୍ଷା ସ୍ତରରେ ରହିଥିବା କୁହାଯାଇଛି। ସବୁଜ ବିପ୍ଳବ ପରେ ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଥିବା ସତ୍ୱେ ଦେଶରେ କ୍ଷୁଧା ଚିନ୍ତାଜନକ ସ୍ଥିତିରେ ରହିଛି। ତେବେ ଏହି ସଂକଟ ଅପର୍ଯ୍ୟାପ୍ତ ଖାଦ୍ୟାଶସ୍ୟ ଉତ୍ପାଦନର କାରଣ ନୁହେଁ। ବିଶ୍ୱରେ ସାମଗ୍ରୀକ ଭାବେ ଯେତିକି ପରିମାଣର ଖାଦ୍ୟ ଶସ୍ୟ ଉତ୍ପାଦିତ ହେଉଛି, ତାହା ସମସ୍ତଙ୍କୁ କ୍ଷୁଧା ନିବାରଣ ବା ଖାଦ୍ୟ ଦେବାକୁ ଯଥେଷ୍ଟ। କିନ୍ତୁ ବିଶ୍ୱରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ନଷ୍ଟ ହେଉଛି କ୍ଷୁଧାର ମୁଖ୍ୟ କାରଣ। ବିଶ୍ୱରେ ଯେତିକି ପରିମାଣର ଖାଦ୍ୟ ଅପଚୟ ହେଉଛି, ତାହାକୁ ରୋକାଯାଇପାରିଲେ, କେହି ରାତିରେ ବା ଗୋଟିଏ ଓଳି ଖାଲି ପେଟରେ ରହନ୍ତେ ନାହିଁ। ଜାତିସଂଘର ଏନଭିରୋନମେଂଟ ପ୍ରୋଗ୍ରାମର ଖାଦ୍ୟ ନଷ୍ଟ ସୂଚ୍ୟାଙ୍କ ରିପୋର୍ଟ ୨୦୨୪ରେ ଦର୍ଶାଉଛି ଯେ, ୨୦୨୨ରେ ବିଶ୍ୱରେ ୧.୦୫ ବିଲିଅନ ଟନ ଖାଦ୍ୟ ନଷ୍ଟ ହୋଇଥିଲା। ସ୍ତମ୍ଭିଭୂତ କଲାଭଳି ତଥ୍ୟ ହେଉଛି ଯେ, ବିଶ୍ୱରେ ଦୈନିକ ୧ ବିଲିଅନରୁ ଅଧିକ ମିଲ୍ ନଷ୍ଟ ହେଉଛି। ଯାହାକି ୧୦ପ୍ରତିଶତ ବୈଶ୍ୱିକ ଗ୍ରୀନହାଉସ ଗ୍ୟାସ ନିର୍ଗମନର କାରଣ ଭାବେ ଉଭା ହୋଇଛି। ଏହା ନିସନ୍ଦେହ ଯେ, ବିଶ୍ୱରେ ଖାଦ୍ୟଶସ୍ୟ ନଷ୍ଟ ହେବାର ବହୁମୁଖୀ କାରଣ ରହିଛି। ଏଥି ମଧ୍ୟରେ ମୁଖ୍ୟ କାରଣ ହେଉଛି ଆବଶ୍ୟକୀୟ ଶୀତଳ ଭଣ୍ଡାରର ଅଭାବ। ଶୀତଳ ଭଣ୍ଡାର ଅଭାବରୁ ଅମଳ ପରେ ୬୦ପ୍ରତିଶତ ଏବଂ ଖାଦ୍ୟ ନଷ୍ଟ ହେଉଥିବାବେଳେ ଭୋଜନ ସେବା ପ୍ରକ୍ରୀୟାରେ ୨୮ପ୍ରତିଶତ ଏବଂ ଖାଦ୍ୟାଶସ୍ୟ ପରିବହନ ଓ ରିଟେଲରେ ୧୨ପ୍ରତିଶତ ନଷ୍ଟ ହୋଇଥାଏ ବୋଲି ରିପୋର୍ଟରେ କୁହାଯାଇଛି। ସେହିପରି ଘରେ ମଧ୍ୟ ମୋଟ ଉତ୍ପାଦିତ ଖାଦ୍ୟର ୧୯ପ୍ରତିଶତ ନଷ୍ଟ ହେଉଥିବା ରିପୋର୍ଟ କହେ। ସୁଖର କଥା ଏବେ ଫ୍ରାନସ୍, ଜର୍ମାନ ସମେତ ବିଶ୍ୱର ବହୁଦେଶରେ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ବଳକା ନଷ୍ଟ ଖାଦ୍ୟ ବ୍ୟାଙ୍କ ପ୍ରତିଷ୍ଠା କରି ସେସବୁ ଅସହାୟ, ଗରିବଙ୍କୁ ବଂଟନ କରୁଛନ୍ତି। ଆମ ରାଜ୍ୟରେ ବହୁ ସ୍ଥାନରେ ଏବେ ବଳକା ଖାଦ୍ୟ ଏନଜିଓଗୁଡିକ ସଂଗ୍ରହ କରି ବଂଟନ କରୁଛନ୍ତି। ବଳକା ଖାଦ୍ୟକୁ ଫୁଡ୍ ବ୍ୟାଙ୍କକୁ ନିଶ୍ଚିତ ଦେବାପାଇଁ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଏବେ ଆଇନ ପ୍ରଣୟନ କରିବାକୁ ଚିନ୍ତା କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେଯ, କ୍ଷୁଧାମୁକ୍ତ ଭାରତ ଗଠନ ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନରେ ସରକାର ଦେଶର ୬୭ପ୍ରତିଶତ ଗରିବ ପରିବାରର ୮୦ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ମୁଣ୍ଡ ପିଛା ମାସିକ ୫କେଜି ଖାଦ୍ୟ ଶସ୍ୟ ମାଗଣାରେ ଯୋଗାଇ ଦେଉଛନ୍ତି। ଏହା ଯଥେଷ୍ଟ ନହେଲେ ବି କ୍ଷୁଧାରୁ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି ବୋଲି କୁହାଯାଇପାରେ। ଅଶୀ ଦଶକରେ ଅନାହାର ମୃତ୍ୟୁ ଏବଂ କ୍ଷୁଧାପାଇଁ ପିଲା ବିକ୍ରୀ ଘଟଣା ଦେଶବ୍ୟାପୀ ଘୋର ଆଲୋଡନ ସୃଷ୍ଟି କରିଥିଲା। ଏଭଳି ଲଜ୍ୟାଜନକ ଘଟଣା ଏବେ ଲୋକଲୋଚନକୁ ଆସୁନଥିବା ବେଳେ ଏହାର ପୁନରାବୃତି ଯେ ଘଟୁ ନାହିଁ, ତାହା କହିହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଜଳବାୟୁ ପରିବର୍ତନ, ଭୂତଳ ଜଳସ୍ତର ହ୍ରାସ, ଜମିର ଉର୍ବରତା ହ୍ରାସ, ଚାଷ ପ୍ରତି ଯୁବପିଢୀଙ୍କ ବିମୁଖତା ଆଦି ବିଭିନ୍ନ କାରଣରୁ ବିଶ୍ୱରେ ଆସନ୍ତା ୨୦୫୦ ମସିହା ବେଳକୁ ଖାଦ୍ୟ ସଂକଟ ଉତ୍କଟ ହେବା ନେଇ ବିଶାରଦମାନେ ଚେତାବନୀ ଦେଇ ସାରିଲେଣି। ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ବିଶ୍ୱରେ ଶକ୍ତି ସଂକଟ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଯାହାର ପ୍ରଭାବରେ କେବଳ ତୈଳ ନୁହେଁ, ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ପରିବହନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି। ଗ୍ୟାସ ଦର ବୃଦ୍ଧି ଯୋଗୁଁ ଚା ଠାରୁ ଆରମ୍ଭ କରି ହୋଟେଲ ଖାଦ୍ୟ ଦର ଉପରମୁହାଁ ହେଲାଣି। ଯୁଦ୍ଧ ବିଧ୍ୱସ୍ତ ୟୁକ୍ରେନ, ଗାଜା, ଇରାନରେ ଖାଦ୍ୟ ସଂକଟ ଏବଂ ମୂଲ୍ୟ ବୃଦ୍ଧି ଯୋଗୁଁ ହଜାର ହଜାର ଲୋକ ଭୋଗ ଉପବାସରେ ରହିବା ସାର ହୋଇଛି। ସେହିପରି ସୁଦାନ, ଇଥିଓପିଆ ପରି କେତେକ ଦକ୍ଷୀଣ ଆଫ୍ରିକୀୟ ରାଷ୍ଟ୍ରରେ ଆଭ୍ୟନ୍ତରୀଣ ବିଦ୍ରୋହ ଓ ଦୁର୍ଭିକ୍ଷ ଯୋଗୁଁ ଲୋକେ କ୍ଷୁଧାରେ କାଳାତିପାତ କରୁଛନ୍ତି। ଖାଦ୍ୟ ଶସ୍ୟ ନଷ୍ଟକୁ ଏଡାଇବା ଲାଗି ଆବଶ୍ୟକୀୟ ଶୀତଳ ଭଣ୍ଡାର ପ୍ରତିଷ୍ଠା, ବଳକା ଖାଦ୍ୟର ସଦୁପଯୋଗ, ପରିବହନ ବ୍ୟବସ୍ଥାକୁ ସୁଗମ କରିବା, ଖାଦ୍ୟଶସ୍ୟ ଉତ୍ପାଦନରେ ଜଳବାୟୁ ଉପଯୋଗୀ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ଖାଦ୍ୟନଷ୍ଟକୁ ନିୟନ୍ତ୍ରଣ କରାଗଲେ କ୍ଷୁଧା ଯନ୍ତ୍ରଣାରୁ ମୁକ୍ତ ମିଳିବ। ଅନ୍ୟଥା କ୍ଷୁଧାରେ ରାତି ବିତାଇବା ସାର ହେବ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋବାଇଲ ନଂ-
୯୪୩୭୯୯୪୩୭୯

# ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ

ବାଦଲ ଭୂୟାଁ

ଓଡ଼ିଶାର ଲୋକପ୍ରିୟ ସରକାର ଛାତ୍ରଛାତ୍ରୀଙ୍କ ବିବିଧ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପାଠପଢ଼ା ସହ ନିଜକୁ ସୁରକ୍ଷିତ ରଖିବା ସହ ସାମାଜିକ ସୁରକ୍ଷା ଦାୟିତ୍ୱର ଆହ୍ୱାନକୁ ଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ମଧ୍ୟ ହୋଇଛି। ନିକଟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଉଭୟ ସରକାରୀ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ଆରବିକ ତାଲିମ କୌଶଳ ଦିଆଯିବାର ବ୍ୟବସ୍ଥା ହୋଇଛି। ସୂଚନା ଥାଉକି ପ୍ରଥମ ଥର ଭାବେ ଆତ୍ମରକ୍ଷା କୌଶଳରେ ଏଭଳି ବ୍ୟବସ୍ଥାକୁ ଯୋଡ଼ା ଯାଇଛି। ପିଲାମାନଙ୍କୁ ଏହାସହ ବିଶେଷକରି ଛାତ୍ରୀମାନେ କିପରି ମାନସିକ ସ୍ତରରେ ଦକ୍ଷ ହେବେ ସେ ବ୍ୟବସ୍ଥା କରାଯାଉଛି। ଏହି ଦକ୍ଷତା କୌଶଳର ବିଭିନ୍ନ ବିଭାଗ କୁହାଯାଉଥିବା ମାଇଣ୍ଡ ଟୁ ମସଲ, ମସଲ ଟୁ ମାଇଣ୍ଡ, ଏନୋରବିକ, ଫ୍ଲେକ୍ସିବିଲିଟି ଓ ସେଲ୍ଫ ଡିଫେନ୍ସ ସ୍କିଲ ତାଲିମ ମିଳିବ। ପୁସଅପ୍ସ, ସ୍କାଟସ୍, ଲେଗ୍ କର୍ଲସ୍, ଲେଗ ଏକ୍ସଟେନ୍ସନ୍, ଚେଷ୍ଟ ପ୍ରେସ୍, ଥ୍ରି ୱେ ସୋଲଡର ଷ୍ଟ୍ରେଚ ଭଳି ବିଷୟରେ ମଧ୍ୟ ଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯିବ। ଆତ୍ମରକ୍ଷା କୌଶଳ ତାଲିମକୁ ଅଧିକ ବ୍ୟବସ୍ଥିତ ଢ଼ଙ୍ଗରେ କରିବାକୁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୯୫ଟି କଲେଜରେ ଆତ୍ମରକ୍ଷା କୌଶଳ କ୍ଲବ ଗଠନ କରାଯିବା ସହ ସେହି କଲେଜ ଗୁଡ଼ିକୁ କ୍ଲବ ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ଟଙ୍କାକୁ ସେହି କଲେଜ ଲାଇଟ, ସାଉଣ୍ଡ, ପ୍ରଶିକ୍ଷଣ ସ୍ଥାନ ବାବଦରେ ଅତିବେଶିରେ ୨୦% ଖର୍ଚ୍ଚ କରିବାକୁ ଥିବାବେଳେ ମାଷ୍ଟର ଟ୍ରେର୍ନରଙ୍କ ପାଇଁ ୨୦% ଛାତ୍ରୀଙ୍କ ଶକ୍ତି ବର୍ଦ୍ଧକ ପାନୀୟ ଓ ଫଳ ପାଇଁ ୨୦%, କ୍ଲବର ଆନୁସଙ୍ଗିକ ସାମଗ୍ରୀ ଓ ମ୍ୟାଟ ବାବଦରେ ଅତିବେଶିରେ ୩୦%, ଫାଷ୍ଟଏଡ଼ ଡକ୍ୟୁମେଣ୍ଟେସନ, ରିପୋର୍ଟ ପ୍ରସ୍ତୁତି ପରି କାର୍ଯ୍ୟ ପାଇଁ ୧୦% ଅର୍ଥ ଖର୍ଚ୍ଚ କରାଯାଇପାରିବ। ଜରୁରୀକାଳୀନ ପରିସ୍ଥିତିରେ ଅଡିଟ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କଲେଜ କର୍ତ୍ତୃପକ୍ଷ ସମସ୍ତ ବିଲକୁ ନୋଡାଲ କାର୍ଯ୍ୟାଳୟରେ ଦାଖଲ କରିବେ। ଗତ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ବିଭାଗ ପକ୍ଷରୁ ନିୟମ ମଧ୍ୟ ଜାରି ହୋଇଛି। ବ୍ୟବସ୍ଥା ଅନୁଯାୟୀ ଆତ୍ମରକ୍ଷା କ୍ଷେତ୍ରରେ ଆଗ୍ରହୀ ଥି ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ। ଆତ୍ମରକ୍ଷା କୌଶଳ କ୍ଲବର ରୂପରେଖ କଲେଜର ଅଧ୍ୟକ୍ଷ ପ୍ରସ୍ତୁତ ସହ କଲେଜରେ ମୋଟ କେତେଜଣ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରହିଛନ୍ତି ତାହାର ତାଲିକା ପ୍ରଦାନ କରିବେ। ପ୍ରତି ଗ୍ରୁପରେ ୩୦ଜଣ ଲେଖାଏଁ ଛାତ୍ରୀ ରହିବେ। ରିପୋଟିଂ ଓ ପଞ୍ଜୀକରଣ ତାରିଖ ପ୍ରସ୍ତୁତ, ବିଭିନ୍ନ କାର୍ଯ୍ୟକଳାପ, କେଉଁ ଗ୍ରୁପର ତାଲିମ କେବେ ସରିବ, ଟ୍ରେନର / ରିସୋର୍ସ ପର୍ସନ / ଲେଡ଼ି ପିଇଟିଙ୍କ ନାମ କଲେଜ ଅଧ୍ୟକ୍ଷ ପ୍ରଦାନ କରିବେ। ଗ୍ରୁପ ଅନୁଯାୟୀ ବଜେଟ ପ୍ରସ୍ତୁତ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମାଣ ଓ ଡକ୍ୟୁମେଣ୍ଟ କଲେଜ ଅଧ୍ୟକ୍ଷ ପ୍ରସ୍ତୁତ କରିବେ। କାର୍ଯ୍ୟକ୍ରମ ସରିବା ପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ। ବିଭାଗ ପକ୍ଷରୁ ଦିଆଯାଇଥବା ନିୟମାବଳୀ ଅନୁଯାୟୀ କାର୍ଯ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ସିଧାସଳଖ ଆତ୍ମରକ୍ଷା କୌଶଳ ତାଲିମର ମନିଟରିଂ କରିବ। ଅଧିକାରୀମାନେ ନିୟମିତ ବ୍ୟବଧାନରେ ବିଭିନ୍ନ କଲେଜକୁ ଗସ୍ତ କରି କ୍ଲବ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ତଦାରଖ କରିବେ। ସୂଚନାଥାଉକି ଯେ ୨୦୧୩ରେ ରାଜ୍ୟ ସରକାରଙ୍କ ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ହୋଇଥିଲା। ଯୁକ୍ତ୨ ସମେତ ଯୁକ୍ତ ୩ କଲେଜ ପ୍ରଥମ ବର୍ଷ ଛାତ୍ରୀଙ୍କୁ ତାଲିମ ଦିଆଯିବାର ନିୟମ ରହିଛି। ଛାତ୍ରୀଙ୍କ ଶାରୀରିକ ଓ ମାନସିକ ସାମର୍ଥ୍ୟ ବୃଦ୍ଧି କରିବ, ଛାତ୍ରୀଙ୍କ ସହ ସମକକ୍ଷ କରିବା, ଛାତ୍ରୀଙ୍କ ଶକ୍ତି ବଢ଼ାଇବା ପାଇଁ ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଦିନକୁ ଦିନ ସାମାଜିକ କ୍ଷେତ୍ରରେ ଆମ ଝିଅମାନେ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରୁଥିବାରୁ ଏବଂ ସେମାନଙ୍କ ନିତିଦିନିଆ ଜୀବନରେ ଆତ୍ମରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ସମୟୋପଯୋଗୀ ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଭାରତରେ ମହାରାଷ୍ଟ୍ର, ନୂଆଦିଲ୍ଲୀ, ଗୁଜୁରାଟ, ଉତ୍ତର ପ୍ରଦେଶ ପରି ବିଭିନ୍ନ ରାଜ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଓଡ଼ିଶା ସରକାର କିନ୍ତୁ ଆଉ ପାଦେ ଆଗକୁ ଯାଇ ଆତ୍ମରକ୍ଷା କୌଶଳ କ୍ଲବ ଗଠନ ସହ ଅନ୍ୟାନ୍ୟ ଉତ୍ସାହଜନକ ସହଯୋଗଭିତ୍ତିକ କାର୍ଯ୍ୟକ୍ରମର ଦାୟିତ୍ୱ ହାତକୁ ନେଇଛନ୍ତି। ଆମ ସମୟରେ ସାମାଜିକ କ୍ଷେତ୍ରରେ ଅନେକ ସମୟରେ ଝିଅମାନେ କେବଳ ନିଜ ସୁରକ୍ଷା ନୁହେଁ ଆଖି ସାମ୍ନାରେ ସଂଗଠିତ କୌଣସି ଅସହାୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପଛଘୁଞ୍ଚା ଦେଇଥାନ୍ତି। ଏ ସଂକ୍ରାନ୍ତୀୟ ଅନେକ ଖବର ଗଣମାଧ୍ୟମରେ ମଧ୍ୟ ପ୍ରକାଶ ପାଉଛି। ତେଣୁ ଆମ ଝିଅମାନେ ଆତ୍ମରକ୍ଷା କୌଶଳ ତାଲିମରେ ଜଣେ ଜଣେ ପ୍ରଶିକ୍ଷିତା ଯୋଦ୍ଧା ଭାବେ କାର୍ଯ୍ୟ କରିବେ। କେବଳ ନିଜ ବା ବନ୍ଧୁବର୍ଗ ବା ପରିବାରର ନୁହଁ ସର୍ବୋପରି ସମାଜର ସୁରକ୍ଷା ଦାୟିତ୍ୱରେ ଯେଉଁ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବେ ଏହି ପ୍ରସଙ୍ଗରେ ମନେପଡ଼ିଯାଉଛି ବୀରାଙ୍ଗନା ଲକ୍ଷ୍ମୀବାଈଙ୍କ କଥା। ଜୀବନ ଯୁଦ୍ଧରେ ଅନେକ ଝିଅ ମାନଙ୍କୁ ଅସହାୟ ବା ଅବଳା ଦୁର୍ବଳା ଭାବିବାର ଆଉ ସମୟ ହିଁ ନାହିଁ। ଦିନକୁ ଦିନ ଆମ ସାମାଜିକ ବ୍ୟବସ୍ଥା ସୁଦୃଢ଼ ହେଉଛି ଏ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନର ଦାୟିତ୍ୱ ମଧ୍ୟ ନିର୍ବାହ କରୁଛନ୍ତି ଏବଂ ଆମ ସମସ୍ତଙ୍କର ଏ କ୍ଷେତ୍ରରେ ପ୍ରେରଣାର ସହଯୋଗ ଭିତ୍ତିକ ଗୁରୁଦାୟିତ୍ୱ ମଧ୍ୟ ରହିଛି। କାରଣ ଏବେ ବି ସମାଜରେ କୌଣସି ଏକ କ୍ଷେତ୍ରରେ ଝିଅଟିର ଅସହାୟ ଚିତ୍ରକୁ ଅନ୍ୟମାନେ ଏକ ତାମସାର ଦର୍ଶକ ଭାବେ ମୁକସାକ୍ଷୀ ଭାବେ ଦେଖୁଥିବାର ଉଦାହରଣ ମଧ୍ୟ ରହିଛି। ଯାହାକି ସମାଜବିତ ଓ ଆମ ସମସ୍ତଙ୍କ ପାଇଁ ଛାତି ଥରାଇ ଦେବାପରି ଅଘଟଣ ଠାରୁ କମ ନୁହଁ। ତେଣୁ ଆମ ଝିଅମାନେ ନିଜେ ସୁରକ୍ଷିତ ରହିବା ସହ ଆମ ସମାଜର ସୁରକ୍ଷା ଦାୟିତ୍ୱକୁ ହାତକୁ ନେବା କମ ଗୌରବର କଥା ନୁହେଁ। କଲ୍ୟାଣମୟୀ ଆମ ସୁନା ଝିଅ ମାନଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହିତ ସହଯୋଗ ଭଲପାଇବା ରହିଥିଲା, ରହିଛି ଆଉ ରହିବ ମଧ୍ୟ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର

# ଦିଗପହଣ୍ଡି ବେଆଇନ ପଥର ଖନନ !

## ଖଣି, ଜଙ୍ଗଲ ଓ ରାଜସ୍ୱ ବିଭାଗର ନିଘା ନାହିଁ



**ଦିଗପହଣ୍ଡି,୧।୬ :** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ତହସିଲ ବି.ତୁରୁବୁଡି ପଂଚାୟତ ଝରିପଦାର ପର୍ବତ ବୃକ୍ଷ ଲତାରେ ଶୋଭା ପାଉଥିଲା। କିନ୍ତୁ ୨୦୨୨ମସିହାରେ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଝରିପଦର ପାହାଡ଼କୁ ବିଦାରି ଦେଲେଣି ପଥର ମାଫିଆ ଓ ପାହାଡ଼ରେ ରହିଥିବା ବହୁ ବିରଳ ମୂଲ୍ୟବାନ କଳା ମୁଗିନୀ ପଥର ଫୁଟାଇ କ୍ରସର ଏବଂ ବିଭିନ୍ନ ଗ୍ରାମକୁ ବିକ୍ରି କରି ମାଫିଆ ମାନେ ମାଲାମାଲ । ବଡ଼ଡ଼ିମୁଳା ରାଜସ୍ୱ ସର୍କଲ ଖାତା ନଂ ୯୮୦ ପ୍ଲଟ ନଂ ୦୫ ଓ ୦୬ରେ ଥିବା ବାର୍ଷିକ ନ୍ୟୁନତମ ଅନୁମଦିତ ପରିମାଣ ମାତ୍ର ୭୩୫୦ଘ:ମି ପରିବେଶ ମଞ୍ଜୁରୀ ଅନୁମତି ମିଳିଥିଲେ ମଧ୍ୟ ଅନୁମତି ବାହାରେ ସମଗ୍ର ପାହାଡ଼କୁ ନିଜ କବଜାରେ ରଖି ମାଫିଆ ମାନେ ପ୍ରାୟ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ପାହାଡ଼କୁ କାଟି କାଟି ବହୁ ଖାଲ ହୋଇସାରିଲାଣି କ୍ଷ କେତେବେଳେ ଯେ ଭୁକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟିବା ଆଶଙ୍କା କଲେଣି ନିକଟବର୍ତ୍ତୀ ଗ୍ରାମବାସୀ । ପଥର ଉତ୍ତୋଳନ ଖୋଲା ଖୋଲି ଭାବେ ଉଲଂଘନ କରାଯାଉଛି । ଏପରିକି ସରକାରଙ୍କୁ ଭୁଲ ତଥ୍ୟ ଦେଇ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଛି । ଦିନତମାମ ଭାରୀଯାନ ରେ ଅତ୍ୟଧିକ ପଥର ଲୋଡ଼ କରି ନେବା ଦ୍ୱାରା ରାସ୍ତା କଡରେ ରହିଥିବା ଘର ଗୁଡ଼ିକରେ ଫାଟ ସୃଷ୍ଟି ହେଉଛି ଏବଂ ଲୋକେ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହାଇୱା ଦ୍ୱାରା ଦୁଇଟି କ୍ରସର ଓ ଗ୍ରାମାଞ୍ଚଳ ଏବଂ ଦିଗପହଣ୍ଡି ସହରକୁ ମଧ୍ୟ ଯାଉଛି । ତାହା ଦିଗପହଣ୍ଡି ପୋଲିସ କିପରି ଜାଣିପାରୁନି ନା ଜାଣି ଅଜଣା ରହୁଛି ତାହା ଏବେ ବୁଦ୍ଧିଜିବି ତୀବ୍ର ଅସନ୍ତସ ପ୍ରକାଶ ପାଉଛି । ଏନେଇ ପଂଚାୟତ ବସି ଏକତ୍ରିତ ହୋଇ ତା -୧୯/୬ ରେ ଜିଲ୍ଲାପାଳ, ଖଣି ଅଧିକାରୀ ଏବଂ ତହସିଲଦାର, ଦିଗପହଣ୍ଡି ଥାନା ଆଇ. ଆଇ. ସି ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । କିନ୍ତୁ ଦୁଃଖ ପରିତାପର ବିଷୟ ଦୀର୍ଘ ଦଶ ଦିନ ବିତିଯାଇଥିଲେ ମଧ୍ୟ କୌଣସି ତଦନ୍ତ କରାଯାଇ ନାହିଁ । ଏହି ବେଆଇନ ପଥର ବ୍ଲାଷ୍ଟିଙ୍ଗ ବ୍ୟକ୍ତିଙ୍କୁ କେବେ କେଉଁ ଦିନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ନା ପ୍ରଶାସନର ନାଲି ଫିତା ତଳେ ପଡିରହିବ ତାହା ପଂଚାୟତଙ୍କୁ ବିସ୍ମିତ କଲାଣି ।

### ମହିଳା ଶୌଚାଳୟରେ ଗୁପ୍ତ କ୍ୟାମେରା ଘଟଣା

# ଡିଆରଡିଏ କର୍ମଚାରୀ ଗିରଫ





**ଜଗତସିଂହପୁର,୧।୬ :** ଜଗତସିଂହପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ମହିଳା ଶୌଚାଳୟରେ ଗୁପ୍ତ କ୍ୟାମେରା ଲଗାଇ ମହିଳା କର୍ମଚାରୀଙ୍କ ବ୍ୟକ୍ତିଗତ ଗୋପନୀୟତା ଉଲ୍ଲଂଘନ କରାଯାଇଥିବା ଘଟଣାରେ ଜଣେ ଡିଆରଡିଏ କର୍ମଚାରୀଙ୍କୁ ଗିରଫ କରିଛି ପୋଲିସ। ଏହି ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲା ପ୍ରଶାସନିକ ମହଲ ଓ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ତିର୍ତ୍ତୋଲ ଥାନା କେସ୍ ନଂ-୨୮୬, ତାରିଖ ୨୬ ମେ ୨୦୨୬ ଅନୁଯାୟୀ, ଜଗତସିଂହପୁର ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନ) ତଥା ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକଙ୍କ ଲିଖିତ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା। ଗତ ୨୫ ମେରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ମହିଳା ଶୌଚାଳୟ ଭିତରେ ଲୁଚାଇ ରଖାଯାଇଥିବା ଏକ ସ୍ପାଏ କ୍ୟାମେରାକୁ ଜଣେ ମହିଳା ଅଧିକାରୀ ଦେଖିଥିଲେ। ଏହାପରେ ମହିଳା କର୍ମଚାରୀଙ୍କ ସୁରକ୍ଷା, ସମ୍ମାନ ଓ ଗୋପନୀୟତାକୁ ନେଇ ଗୁରୁତର ପ୍ରଶ୍ନ ଉଠିଥିଲା। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏସଡିପିଓ ତିର୍ତ୍ତୋଲଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଆଇଆଇସି ରଘୁନାଥ ଟୁଡୁ, ଆଇଆଇସି ବଂଶୀଧର ପ୍ରଧାନ ଓ ଜିଲ୍ଲା ସାଇବର ସେଲ୍ ଅଧିକାରୀ ସନ୍ତୋଷ ସାହୁଙ୍କୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା। ତଦନ୍ତ ସମୟରେ ସିସିଟିଭି ଫୁଟେଜ୍ ପରୀକ୍ଷା, ଇଲେକ୍ଟ୍ରୋନିକ ଉପକରଣର ଫରେନସିକ ବିଶ୍ଳେଷଣ, ଡିଜିଟାଲ ପ୍ରମାଣ ସଂଗ୍ରହ, ସାକ୍ଷୀଙ୍କ ବୟାନ ଓ କାର୍ଯ୍ୟାଳୟ କର୍ମଚାରୀଙ୍କୁ ପଚରାଉଚରା କରାଯାଇଥିଲା। ତଦନ୍ତରେ ଡିଆରଡିଏ ଜଗତସିଂହପୁରର ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ସଞ୍ଜୟ ଅଧେକ (୩୫)ଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଅନଲାଇନ୍ ମାଧ୍ୟମରେ ସ୍ପାଏ କ୍ୟାମେରା କିଣି ମହିଳା ଶୌଚାଳୟରେ ଗୁପ୍ତ ଭାବେ ସ୍ଥାପନ କରିଥିଲେ। ମହିଳା କର୍ମଚାରୀଙ୍କ ବ୍ୟକ୍ତିଗତ ମୁହୂର୍ତ୍ତକୁ ରେକର୍ଡ କରିବା ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର କରାଯାଉଥିଲା। କ୍ୟାମେରାଟି ତାଙ୍କ ମୋବାଇଲ ଫୋନ ସହିତ '୦୩୮୦' ଆପ୍ ମାଧ୍ୟମରେ ସଂଯୁକ୍ତ ଥିବା ବେଳେ ଦୂରରୁ ନଜର ରଖିବା ସୁବିଧା ମଧ୍ୟ ରହିଥିଲା। ଡିଜିଟାଲ, ଡକ୍ୟୁମେଣ୍ଟାରୀ, ପରିସ୍ଥିତିଜନିତ ଓ ବୈଷୟିକ ପ୍ରମାଣ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଗତ ୩୦ ମେରେ ଗିରଫ କରିଥିଲା। ପଚରାଉଚରା ବେଳେ କ୍ୟାମେରା କ୍ରୟ ଓ ସ୍ଥାପନ ସମ୍ପର୍କିତ ଅନେକ ତଥ୍ୟ ସାମ୍ନାକୁ ଆସିଥିବା ପୁଲିସ କହିଛି। ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ପୁଲିସ ଘଟଣାସ୍ଥଳରୁ ଏକ ସ୍ପାଏ କ୍ୟାମେରା, ଏନ୍ଭିଅର/ହାର୍ଡଡିସ୍କ, ସିସିଟିଭି ଫୁଟେଜ୍ ଥିବା ୧୨୮ ଜିବି ପେନ୍ଡ୍ରାଇଭ୍, ଅଭିଯୁକ୍ତଙ୍କ ଇନଫିନିକ୍ସ ନୋଟ୍ ୪୦ଡ ୫ଜି ମୋବାଇଲ, କ୍ୟାମେରା କ୍ରୟ ସମ୍ବନ୍ଧୀୟ ବିଲ୍ ଏବଂ ଅନ୍ୟାନ୍ୟ ଡିଜିଟାଲ ରେକର୍ଡ ଜବତ କରିଛି। ଜବତ ହୋଇଥିବା ସମସ୍ତ ଇଲେକ୍ଟ୍ରୋନିକ ଉପକରଣ ଓ ଡିଜିଟାଲ ତଥ୍ୟର ଫରେନସିକ ପରୀକ୍ଷା ଚାଲିଥିବା ବେଳେ, ଘଟଣାର ଆଉ କୌଣସି ଦିଗ ରହିଛି କି ନାହିଁ ସେନେଇ ତଦନ୍ତ ଜାରି ରହିଛି। ପୁଲିସ କହିଛି, ଏହି ଘଟଣାର ଶୀଘ୍ର ଉନ୍ମୋଚନ ଓ ଅଭିଯୁକ୍ତଙ୍କ ଗିରଫ ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ଗୋପନୀୟତା ରକ୍ଷା ପ୍ରତି ଜଗତସିଂହପୁର ପୁଲିସର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

### ■ ବିଶ୍ୱ ପରିବେଶ ଦିବସ ଅବସରରେ ହରିଅନ୍ତା ପଞ୍ଚାୟତରେ ସଚେତନତା

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ

**ଫୁଲନଖରା,୧।୬ :** ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବାରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ଗ୍ରାମ ପଞ୍ଚାୟତରେ ପରିବେଶ ସୁରକ୍ଷା ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୨୬ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବାରଙ୍ଗ ବିଡିଓ ସ୍ୱାଗତ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସ୍ୱଚ୍ଛ ପରିବେଶ ଗଠନ, ବର୍ଜ୍ୟବସ୍ତୁର ସଠିକ ପରିଚାଳନା ଏବଂ ପରିବେଶ ସୁରକ୍ଷା ପ୍ରତି ସଚେତନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ହରିଅନ୍ତା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ପଦ୍ମିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପରିବେଶ ପ୍ରଦୂଷଣର କୁପ୍ରଭାବ, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ନିୟନ୍ତ୍ରଣ, ଘରୋଇ ଓ ସାମୁଦାୟିକ ବର୍ଜ୍ୟବସ୍ତୁର ପୃଥକୀକରଣ ଏବଂ ବୈଜ୍ଞାନିକ ପଦ୍ଧତିରେ ଏହାର ପରିଚାଳନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବକ୍ତାମାନେ କହିଥିଲେ ଯେ, ପରିବେଶର ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସାମାଜିକ ଦାୟିତ୍ୱ। ଗ୍ରାମାଞ୍ଚଳରେ ସ୍ୱଚ୍ଛତା ବଜାୟ ରଖିବା, ବୃକ୍ଷରୋପଣକୁ ପ୍ରୋତ୍ସାହନ ଦେବା ଏବଂ ବର୍ଜ୍ୟବସ୍ତୁକୁ ଯଥାଯଥ ଭାବେ ପରିଚାଳନା କରିବା ଦ୍ୱାରା ଏକ ସୁସ୍ଥ ଓ ସବୁଜ ପରିବେଶ ଗଠନ ସମ୍ଭବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟ ବଟକୃଷ୍ଣ ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତରାୟ, ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ପଞ୍ଚାୟତ ପ୍ରତିନିଧି, ଯୁବକ ଓ ଗ୍ରାମର ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ରହିଥିଲେ। ସମସ୍ତେ ମିଳିତ ଭାବେ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ପ୍ରତି ସଚେତନ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ଓ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସକାରାତ୍ମକ ବାର୍ତ୍ତା ପହଞ୍ଚାଇଥିବା ବେଳେ, ଏକ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଗ୍ରାମ ଗଠନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା।



### ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଅଭିଯାନ

# 'ମା ବାସନ୍ତୀ ଛଡେୟା ନାଟ' ଦଳର ନାଟ୍ୟ ପରିବେଷଣ

**ବାଲେଶ୍ୱର,୧।୬ :** ସୋମବାର ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ସଚେତନତା ଅଭିଯାନ ଅବସରରେ 'ମା ବାସନ୍ତୀ ଛଡେୟା ନାଟ' ଦଳ ପକ୍ଷରୁ



ଏକ ଆକର୍ଷଣୀୟ ଛଡେୟା ନାଟ ପରିବେଷଣ କରାଯାଇଥିଲା। ଦଳର ନେତୃତ୍ୱ ବିଶିଷ୍ଟ କଳାକାର ଶ୍ରୀ ମଧୁସୂଦନ ନାୟକ କରିଥିଲେ। ଏହି ନାଟକ ମାଧ୍ୟମରେ ଏସ୍ ?ଆଇଆର୍ ଅଭିଯାନର ବିଭିନ୍ନ ବାର୍ତ୍ତାକୁ ସରଳ ଏବଂ ମନୋରଞ୍ଜନାତ୍ମକ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ଦଳର କଳାତ୍ମକ ପରିବେଷଣକୁ ଉଚ୍ଚ ପ୍ରଶଂସା କରିଥିଲେ। 'ମା ବସନ୍ତୀ ଛଡେୟା ନାଟ' ଦଳର ସଦସ୍ୟମାନଙ୍କର ଜୀବନ୍ତ ଅଭିନୟ, ସୁନ୍ଦର ସଂଳାପ ଏବଂ ସାମାଜିକ ବାର୍ତ୍ତାଭିତ୍ତିକ ଉପସ୍ଥାପନା ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା।

# 'ଉତ୍କଳିକା ନୃତ୍ୟାନୁଷ୍ଠାନର' ପ୍ରତିଷ୍ଠା ଦିବସ

**ବ୍ରହ୍ମପୁର,୧।୬ :** ୧୧ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅଗ୍ରଣୀ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟର ଅନୁଷ୍ଠାନ ଉତ୍କଳିକା ତରଫରୁ ମଇ ୩୧ ତାରିଖ (ରବିବାର) ଦିନ ସ୍ଥାନୀୟ ଗୋଇଲୁଣ୍ଡି ଶ୍ରୀ ରଘୁନାଥ ମନ୍ଦିର ପଡ଼ିଆ ଠାରେ "ଉତ୍କଳିକା ନୃତ୍ୟାନୁଷ୍ଠାନର" ୧୧ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏଥରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ମହାନଗର ନିଗମର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡ଼ଃ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଅର୍ବନ ବ୍ୟାଙ୍କର ସଭାପତି ଶ୍ରୀ ଏମ୍. ମୁରଲୀ ମୋହନ, ପୂର୍ବତନ ବି.ଡି.ଏ. ଅଧ୍ୟକ୍ଷ ଶ୍ରୀ ସୁବାଷ ମହାରଣା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ କବି ସୁଶାନ୍ତ ଏବଂ ବିଶିଷ୍ଟ ନାଟ୍ୟକାର ଶ୍ରୀ ସୁବାଷ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ନୃତ୍ୟଗୁରୁ ଶ୍ରୀ ଜୟନ୍ତ କୁମାର ଆଚାର୍ଯ୍ୟ ଓ ଗୁରୁ ଶ୍ରୀ ମନୋଜ କୁମାର ପ୍ରଧାନ ଯୋଗଦେଇ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ମୁଖ୍ୟ ଗୁରୁ ଶେଖର ସୁମନ ମାଝି ମଙ୍ଗଳାଚରଣରେ ଶ୍ରୀ ଜଗନ୍ନାଥଙ୍କୁ ପୁଷ୍ପାଞ୍ଜଳି ଦେଇ ପରେ ଓଡ଼ିଶୀ ନୃତ୍ୟରେ "କେଡେ ଛନ୍ଦ" ନୃତ୍ୟ ଅଭିନୟଟିକୁ ପରିବେଷଣ କରିଥିଲେ। ପରବର୍ତ୍ତୀ ସମୟରେ ଉତ୍କଳିକା ନୃତ୍ୟାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ, ଭଜନ ଆଦିବାସୀ ଏବଂ ପଲ୍ଲୀ ନୃତ୍ୟ ପରିବେଷିତ ହୋଇଥିଲା। ପରିଶେଷରେ ଅନୁଷ୍ଠାନର ସଭାପତି ଶ୍ରୀ ପ୍ରକାଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଶିବାନନ୍ଦ ବାରିକ ମଞ୍ଚ ପରିଚାଳନା କରିଥିଲେ।



### ଅକ୍ଷରେ ପ୍ରେମ ପକ୍ଷରୁ ରଜମଉଜ ପ୍ରତିଯୋଗିତା

# ଓଡ଼ିଶାର ମହାନ୍ ପରମ୍ପରାକୁ ଉଜ୍ଜୀବିତ

**ବ୍ରହ୍ମପୁର,୧।୬ :** ଓଡ଼ିଶାର ସଂସ୍କୃତି ପ୍ରକୃତି ନିବେଦିତ କ୍ଷ ଦାରୁଦେବତା ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଉତ୍ତ୍ର ସଂସ୍କୃତି ଓ ଉତ୍ତ୍ର ପରମ୍ପରା ସାରା ବିଶ୍ୱରେ ସ୍ୱତନ୍ତ୍ରତା ପ୍ରତିପାଦନ କରି ଆସିଅଛି । ସମୂହ ମିଳନ ଓ ଆତ୍ମୀୟତାର ଗଣପର୍ବ ରଜ ଆମ ଅସ୍ମିତାର ମହାନ୍ ପର୍ବ ବୋଲି ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ମତବ୍ୟକ୍ତ କରିଛନ୍ତି । 'ଅକ୍ଷରେ ପ୍ରେମ'ର ସଂପାଦକ ନଳିନୀକାନ୍ତ ଗୌଡ଼ଙ୍କ ପ୍ରତ୍ୟକ୍ଷ ପ୍ରୟାସ ଓ ସଂଚାଳନାରେ ଉତ୍କଳ ଆଶ୍ରମ ପୁସ୍ତକ ଭାବନରେ ଆୟୋଜିତ 'ରଜମଉଜ' ପ୍ରତିଯୋଗିତାରେ ଆମନ୍ତ୍ରିତ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଡ. ଓଝା ରଜୋତ୍ସବର ଆଧ୍ୟାତ୍ମିକ ଓ ପର୍ଯ୍ୟାବରଣୀୟ ମହତ୍ତ୍ୱ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ରବିବାର ପୂର୍ବାହ୍ନରେ ଚିତ୍ରାଙ୍କନ, ହୁଳହୁଳି, ଶଙ୍ଖବାଦନ, କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ସନ୍ଧ୍ୟାରେ ନୃତ୍ୟ, ସଂଗୀତ ଓ ପାରମ୍ପରିକ ଫେସନ୍ ଶୋ ପ୍ରତିଯୋଗିତାରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସାଂସ୍କୃତିକ ସଂଯୋଜକ ସତ୍ୟ ମହାରଣା ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଚାରକ ରୂପେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ରବୀନ୍ଦ୍ରନାଥ ସାମଲ ହୁଳହୁଳି ଓ ଶଙ୍ଖଧ୍ୱନି ପ୍ରତିଯୋଗିତା, ଡ. କୁଳମଣି ଓଝା କବିତା ଲିଖନ ପ୍ରତିଯୋଗିତା, ସଂଗ୍ରାମ ଶେଖର ପଟ୍ଟନାୟକ ଓ ରଶ୍ମିରଞ୍ଜନ ସାହୁ ସଂଗୀତ ପ୍ରତିଯୋଗିତା, ସଂଗୀତା ପାଣିଗ୍ରାହୀ ଓ ରାଧାଶ୍ୟାମ ତରାଇ ନୃତ୍ୟ ପ୍ରତିଯୋଗିତା, ଚିତ୍ରାଭିନେତ୍ରୀ କିରଣ ଚୌଧୁରୀ, କରିସ୍ମା ସାହୁ ଓ କରିସ୍ମା ପାତ୍ର ପାରମ୍ପରିକ ଫ୍ୟାସନ୍ ଶୋ ପ୍ରତିଯୋଗିତାର ବିଚାରକ ରୂପେ ପ୍ରତିଭା ମୂଲ୍ୟାୟନ କରିଥିଲେ। ବାଦ୍ୟଯନ୍ତ୍ରରେ ଚୈତନ୍ୟ କୁମାର ଓ ଜିତୁ ସହଯୋଗିତା କରିଥିଲେ । ଆଗାମୀ ଜୁନ୍ ୧୫ ତାରିଖ ଦିନ ଉତ୍କଳ ଆଶ୍ରମ ରୋଡ୍ ସ୍ଥିତ ଅଭିନନ୍ଦନ କଲ୍ୟାଣ ମଣ୍ଡପ ପରିସରରେ ଅକ୍ଷରେ ପ୍ରେମ ପ୍ରାୟୋଜିତ ରଜମଉଜ-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆଜିର ଏହି ସାଂସ୍କୃତିକ ପ୍ରତିଯୋଗିତା ପରିଚାଳନାରେ ମନୋଜ କୁମାର ସାହୁ, ପ୍ରଭାତ କୁମାର ସାହୁ, ନରେନ୍ଦ୍ର ଆଚାର୍ଯ୍ୟ, ଗୀତାଞ୍ଜଳି ସାହୁ, ରଂଜିତା ପାତ୍ର, ପ୍ରୀତି ସାହୁ, ରଶ୍ମିତା ଆଚାର୍ଯ୍ୟ, ଅନୀତା ଯାଦବ, ନିଖିଳେଶ ଆଚାର୍ଯ୍ୟ, କୈଳାଶ ପାଣିଗ୍ରାହୀ, ଆରତି ସାମଲ, ରଶ୍ମିତା ସାମଲ, କାଳିପ୍ରସାଦ ନାୟକ ଓ ବାଲାଜୀ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଂପାଦକ ନଳିନୀକାନ୍ତ ଗୌଡ଼ ସମସ୍ତ ଅତିଥି, ବିଚାରକ, ପ୍ରତିଯୋଗୀ ଓ ଅଭିଭାବକମାନଙ୍କୁ ଧନ୍ୟବାଦ ଅର୍ପଣ ସହ କୃତଜ୍ଞତା ଜଣାଇଥିଲେ ।

### ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି

# ୧୬୭ ଅଭିଯୋଗ ଗ୍ରହଣ ୨୭ଟି ତୁରନ୍ତ ସମାଧାନ

**ବାଲେଶ୍ୱର,୧।୬ :** ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ସକାଳେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୬୭ ଜଣ ଅଭିଯୋଗକାରୀ ନିଜ ନିଜର ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିଥିଲେ।ପ୍ରାପ୍ତ ଅଭିଯୋଗ ମଧ୍ୟରୁ ୧୩୦ଟି ବ୍ୟକ୍ତିଗତ, ୧୮ଟି ସାମୂହିକ ଏବଂ ୧୯ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଆବେଦନ ଥିଲା। ଏହି ଜନଶୁଣାଣୀରେ ୨୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଯାଇ ଶୀଘ୍ର ନିଷ୍ପତ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ସଦର ବିଡିଓ ଉତ୍ତମ କୁମାର ଜେନା, ସଦର ତହସିଲଦାର ଅନିଲ କୁମାର ମହାନ୍ତି ଏବଂ ବାଲେଶ୍ୱର ପୌରପାଳିକାର ନିର୍ବାହୀ ଅଧିକାରୀ ଶିରିୟାଲ ଶୁଭ୍ର ପଟେଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଓ ପ୍ରଶାସନିକ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଅନ୍ତଃ ଜିଲ୍ଲା ସି.ମ୍ କପ୍ ଫୁଟବଲ୍ ଚାମ୍ପିୟନସିପ୍ ଉଦ୍‌ଘାଟିତ

**ବ୍ରହ୍ମପୁର,୧।୬:** ଆଜି ଅନ୍ତଃ ୧୪ ବର୍ଷୀୟ ଉଭୟ ବାଳକ ଓ ବାଳିକା ବର୍ଗ ସି.ମ୍ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ର ଦ୍ୱିତୀୟ ସଂସ୍କରଣ ବ୍ରହ୍ମପୁର ଜୋନ ରେ ଉଦଘାଟନ ହୋଇଯାଇଛି। ବ୍ରହ୍ମପୁର ଜୋନ ରେ ମୋଟ ୮ ଗୋଟି ଜିଲ୍ଲା ଅଂଶ ଗ୍ରହଣ କରିଛନ୍ତି। ଯଥା -ନବରଙ୍ଗପୁର, ରାୟଗଡା, କୋରାପୁଟ, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଏବଂ ମାଲକାନଗିରି। ଉଦଘାଟନ ଦିବସ ରେ ଚାରିଗୋଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ ବାଳିକା ବର୍ଗ ରେ କୋରାପୁଟ ଓ ନବରଙ୍ଗପୁର ମଧ୍ୟରେ ଖେଳା ଯାଇଥିଲା, ନବରଙ୍ଗପୁର ବାଳିକା ଦଳ ୮-୦ ଗୋଲ ରେ ବିଜୟୀ ହାସଲ କରିଥିଲେ। ବାଳିକା ବର୍ଗ ର ଦ୍ୱିତୀୟ ମ୍ୟାଚ ଗଞ୍ଜାମ ଓ ମାଲକାନଗିରି ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା ଏବଂ ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲ କରିଥିଲେ ଏବଂ ବାଳକ ବର୍ଗ ରେ ପ୍ରଥମ ମ୍ୟାଚ କୋରାପୁଟ ଓ ନବରଙ୍ଗପୁର ମଧ୍ୟରେ ଖେଳା ଯାଇଥିଲା, ନବରଙ୍ଗପୁର ଦଳ ୩-୦ ଗୋଲ ରେ ବିଜୟ ହାସଲ କରିଥିଲେ ଓ ଦ୍ୱିତୀୟ ମ୍ୟାଚ ଗଞ୍ଜାମ ଓ ମାଲକାନଗିରି ବାଳକ ବର୍ଗ ମଧ୍ୟରେ ଖେଳାଯାଇଥିଲା, ମାଲକାନଗିରି ଦଳ ୩-୦ ଗୋଲ ରେ ବିଜୟୀ ହାସଲ କରିଥିଲେ। ଏହି ଉଦଘାଟନ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ କେ. ଅନିଲ କୁମାର ବ୍ରହ୍ମପୁର ବିଧାୟକ, ଓ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ ଭାଗିରଥି ସ୍ୱାଇଁ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ , ପ୍ରଦୀପ କୁମାର ନାୟକ, ଶିବ ପ୍ରସାଦ ଦାସ, ଶ୍ରୀ କେଦାରନାଥ ଚୌଧୁରୀ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ଉପ - ସଭାପତି, ଶ୍ରୀ ତାରିଣୀ ସାମନ୍ତରାୟ ଗଞ୍ଜାମ, ବିଜୟ କୁମାର ପଟନାୟକ, ରାଜ ନାରାୟଣ ପାତ୍ର, ଡ଼ି.ଡ଼ି ଗନ୍ତାୟତ, ଡ଼ି. ଆପା ରାଓ, ଜି.ଏମ ବାବୁ, ପ୍ରମୋଦ ମହାରଣା, ସୀତାରାମ ଦ୍ୱିବ୍ରତ, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ ଏବଂ ଶ୍ରୀ ଡ଼ି. ବାବୁ ରାଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ କୋଷାଧ୍ୟକ୍ଷ। ଆଜିର ବାଳିକା ମ୍ୟାଚ ପରିଚାଳନା କରିଥିଲେ।



# ବିଜେପି ୱାର୍ଡ ସଭାପତି ରବିନ୍ଦ୍ରଙ୍କ ବିଏଲ୍ଓଙ୍କୁ ଛତା ବଣ୍ଟନ

**ବ୍ରହ୍ମପୁର,୧।୬ :** ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର-୨୦୨୬) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅଭିଯାନ ମଇ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ପରିଗଣନା ଫର୍ମ ବଣ୍ଟନ ଓ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରହିବ। ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ)ମାନେ ଘରକୁ ଘର ବୁଲି ଭୋଟରଙ୍କ ସଠିକ୍ ତଥ୍ୟ ସଂଗ୍ରହ କରିବା ସହ ନୂତନ ଯୋଗ୍ୟ ମତଦାତାଙ୍କୁ ତାଲିକାଭୁକ୍ତ କରିବା ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ୍ ଦେଇ ଏକ ତ୍ରୁଟିମୁକ୍ତ ଓ ବିଶ୍ୱସନୀୟ ଭୋଟର ତାଲିକା ପ୍ରସ୍ତୁତିରେ ନିରନ୍ତର ନିୟୋଜିତ ଅଛନ୍ତି। ପ୍ରଚଣ୍ଡ ଖରା ଓ ଅସହ୍ୟ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଏହି କର୍ମଚାରୀମାନେ ନିଜ ଦାୟିତ୍ୱ ନିଷ୍ଠା ଓ ସମର୍ପଣର ସହ ପାଳନ କରୁଥିବା ବେଳେ ସେମାନଙ୍କ ପରିଶ୍ରମ ପ୍ରତି ସମ୍ମାନ ଜଣାଇ ସେମାନଙ୍କୁ ଖରା ଦାଉରୁ ନିଜକୁ ରକ୍ଷା କରି ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଗୋସାଣୀନୂଆଗାଁ ୱାର୍ଡ ନମ୍ବର ୨୬ ବିଜେପି ସଭାପତି ତଥା ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର କୁମାର ସାହୁ ସମସ୍ତଙ୍କୁ ଛତା ବଣ୍ଟନ କରିଥିଲେ। ଏଥିସହ ଅଞ୍ଚଳର ଅସହାୟ, ଦରିଦ୍ର ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଲୋକଙ୍କୁ ମଧ୍ୟ ଛତା ପ୍ରଦାନ କରାଯାଇଥିଲା। ବିଜେପି ୱାର୍ଡ ସଭାପତି ଶ୍ରୀ ସାହୁଙ୍କ ଏହି ଉଦ୍ୟମ କେବଳ ସହାୟତା ପ୍ରଦାନରେ ସୀମିତ ନ ରହି ମାନବିକ ମୂଲ୍ୟବୋଧ, ସାମାଜିକ ଦାୟିତ୍ୱବୋଧ ଏବଂ ସେବାଭାବର ଏକ ଉଜ୍ଜ୍ୱଳ ନିଦର୍ଶନ ସୃଷ୍ଟି କରିଛି। ସମାଜରେ ନିଃସ୍ୱାର୍ଥପର ସେବା ଓ ସହଯୋଗର ମନୋଭାବକୁ ସୁଦୃଢ଼ କରିବା ଦିଗରେ ତାଙ୍କର ଏହି ପଦକ୍ଷେପ ଅନ୍ୟମାନଙ୍କ ପାଇଁ ମଧ୍ୟ ପ୍ରେରଣାଦାୟକ ହେବ ବୋଲି ସ୍ଥାନୀୟ ବାସିନ୍ଦା ମତ ପ୍ରକାଶ କରିଛନ୍ତି। ତାଙ୍କର ଏହି ଜନହିତକର କାର୍ଯ୍ୟକୁ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରାଯାଇଛି।



# ବଙ୍ଗୋମୁଣ୍ଡା ବ୍ଲକରେ ଠିକାଦାର ସାଜିଛନ୍ତି ଯନ୍ତ୍ରୀ

- ଯନ୍ତ୍ରୀ ପ୍ରଦ୍ୟୁମ୍ନ ସାହୁଙ୍କ ହାତ ବାରିସୀରେ ଠିକାଦାର କରୁଥିଲେ ମାସ ମାସ ଧରି କମ୍ପ୍ୟୁଟର କାମ
- ଯନ୍ତ୍ରୀଙ୍କ କାର୍ଯ୍ୟକଳାପକୁ ନେଇ ଲାଞ୍ଚ କାରବାର ଅଭିଯୋଗ




**କଣ୍ଟାବାଞ୍ଜି,୧।୬ :** ସରକାରୀ କାର୍ଯ୍ୟାଳୟରେ ଚାକରି କରି ଯନ୍ତ୍ରୀ ପ୍ରଦ୍ୟୁମ୍ନ ତାଙ୍କର ଅନୈତିକ କାର୍ଯ୍ୟ ଚଳେଇ ଲାଞ୍ଚ କାରବାର ସୀମା ପାର କରି ଦେଇଛନ୍ତି। ସରକାରୀ ଅଫିସରେ ଜଣେ ଠିକାଦାର କୁ ଦେଇଛନ୍ତି କମ୍ପୁଟର ଦାଇତ୍ୱ ସରକାରୀ ଅଫିସରୁ ଏଭଳି ସାମ୍ନାକୁ ଆସିଛି ରୋଚକ ଦୃଶ୍ୟ। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ଯନ୍ତ୍ରୀ ପ୍ରଦ୍ୟୁମ୍ନ ସାହୁ ଙ୍କ ଚୌକି ସମ୍ଭାଳି ଆସୁଛନ୍ତି ଜଣେ ଡୁପ୍ଲିକେଟ୍ ଯନ୍ତ୍ରୀ। ତେବେ ବ୍ଲକର ପଲସଖଣ୍ଡ ଗାଁର ନୀଳାମୟ ବେହେରା ପେସାରେ ଜଣେ ଠିକାଦାର ହୋଇ ବ୍ଲକ ଯନ୍ତ୍ରୀ କୋଠରୀରେ ବସି ମାସ ମାସ ହେଲା କମ୍ପୁଟର ଚଳାଇ ଉନ୍ନୟମୂଳକ କାର୍ଯ୍ୟ କରି ଆସୁଥିବା ଅଭିଯୋଗ ସାମ୍ନାକୁ ଆସିଛି। ଜଣେ ଠିକାଦାର ହୋଇ ବ୍ଲକ ଯନ୍ତ୍ରୀ କୋଠରୀରେ କିଭଳି ଉନ୍ନୟମୂଳକ କାର୍ଯ୍ୟର କମ୍ପୁଟର ଦାଇତ୍ୱ ଭାର ସମ୍ଭାଳି ଆସୁଛନ୍ତି ତାହା ଲୋକଙ୍କ ମନରେ ଏବେ ପ୍ରଶ୍ନ ସୃଷ୍ଟି କରିଛି। ତେବେ ଏ ସମ୍ପର୍କରେ ଠିକାଦାର ନୀଳାମୟ ବେହେରା କୁ ପଚାରିବାରୁ ମୋତେ ଯନ୍ତ୍ରୀ ପ୍ରଦ୍ୟୁମ୍ନ ସାହୁ ଅନୁମତି ଦେଇଛନ୍ତି ବୋଲି ରୋକ ଠୋକ କହିଛନ୍ତି। ତେବେ ସରକାରୀ ଅଫିସରେ ଜଣେ ବେସରକାରୀ କର୍ମଚାରୀ ବା ଠିକାଦାର କୁ ଯନ୍ତ୍ରୀ ଚୌକିରେ ବସେଇ ମାସ ମାସ ଧରି କାମ କରେଇ ଆସୁଥିବା ବେଳେ ସେଠାରେ ଲାଞ୍ଚ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଯନ୍ତ୍ରୀ ଫିଲଡ଼ କୁ ଗଲେ ଡୁପ୍ଲିକେଟ ଯନ୍ତ୍ରୀ ହୋଇ ନୀଳାମୟ ବେହେରା ଚୌକିରେ ବସି କାର୍ଯ୍ୟ ତୁଲାଇ ଆସୁଥିବା ଲୋକେ କହୁଛନ୍ତି। ଏହା ନେଇ ଯନ୍ତ୍ରୀ ପ୍ରଦ୍ୟୁମ୍ନ ସାହୁକୁ ପଚାରିବାରୁ ସେ ମୋ ସହିତ ବୁଲେ ମୁଁ ତାକୁ ରଖିଛି ସେ ଭଲ ବୋଲି କହିଛନ୍ତି। ସରକାରୀ କାର୍ଯ୍ୟାଳୟରେ ବେସରକାରୀ କର୍ମଚାରୀ ଙ୍କୁ ବିନା ନିଯୁକ୍ତି ପତ୍ରରେ। ବେଆଇନ ରୂପେ କମ୍ପୁଟର ଦାଇତ୍ୱ ଦେଇ ଉନ୍ନୟମୂଳକ କାର୍ଯ୍ୟ ଜଣେ ବେସରକାରୀ ଲୋକ ତଥା ଠିକାଦାର ହାତରେ କରେଇବା ଯୋଗୁ ଲାଞ୍ଚ କାରବାର ସୀମା ଟପିଛି। ତେବେ ଏନେଇ ଜନ ସାଧାରଣଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ସରକାରୀ ଚାକିରୀର ମର୍ଯ୍ୟାଦା କୁ ଯନ୍ତ୍ରୀ ପ୍ରଦ୍ୟୁମ୍ନ ସାହୁ ଦୁରୂପଯୋଗ କରି ମନମୁଖି କାର୍ଯ୍ୟ ଚଳେଇ ଆସୁଥିବା ଯନ୍ତ୍ରୀ ଉପରେ ସାମାଜିକ କର୍ମୀ ଥବିର ଚନ୍ଦ୍ର ବାଗ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।ଏ ବିଷୟରେ ବଙ୍ଗୋମୁଣ୍ଡା ଏ,ବି,ଡ଼ି,ଓ ପ୍ରଶାନ୍ତ କୁମାର ପାଣିକୁ ପଚାରିବାରୁ ମାଡାମ ସହିତ କଥା ହୁଅନ୍ତୁ ବୋଲି କହିଥିଲେ। ତେବେ ମାଡାମ ଙ୍କ ପ୍ରତିକ୍ରିୟା ମିଳିପାରିନଥିଲା।

# ମାର୍କେଟ ଗାର୍ଡଙ୍କ ବୋକେୟା ପାଉଣା ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ ପ୍ରଦାନ



**କୋଟପାଡ଼,୧।୬ :** କୋଟପାଡ଼ ବ୍ଲକ ଅନ୍ତର୍ଗତ କନଫେରନ୍ସ ହୋଲ ଠାରେ ଜିଲ୍ଲାପାଳ ସ୍ତରୀୟ ଜନଶୁଣାଣି ହୋଇଥିଲା, ଆଜିର ଏହି ଜନଶୁଣାଣି ଶିବିରରେ ଜୟପୁର ଆର.ଏମ.ସି ର କୋଟପାଡ଼ ବ୍ଲକର ମାର୍କେଟ ଗାର୍ଡ ସିମାଞ୍ଚଳ ପାଣିଗ୍ରାହୀ ଓ ସୁର୍ଯ୍ୟନାରାୟଣ ପାତ୍ରଙ୍କ ବୋକେୟା ପାଉଣା ପାଇଁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ, ସୂଚନା ଥାଉକି ୨୦୨୧ ଠାରୁ ୨୦୨୫ମସିହା ପର୍ଯ୍ୟନ୍ତର ଧାନମଣ୍ଡି ପରିଚାଳନା ସକାଶେ ଉପରସ୍ତ ଅଧିକାରୀଙ୍କ ନିର୍ଦ୍ଦେଶ ପତ୍ର ଜରିଆରେ ସେହି ଅଡର ଅନୁସାରେ ସୁଚାରୁ ଭାବରେ ତୁଲାଇ ବିଭିନ୍ନ ପ୍ରକାରର ଖର୍ଚ୍ଚ ବହନ କରିଥିଲେ,ଏହି ଖର୍ଚ୍ଚାନ୍ତ ବହନ କରିଥିବା ପାଉଣା ଅବସର ହୋଇ ଏକବର୍ଷ ବିତିଯାଇଥିଲେ ମଧ ଏହି ଦୁଇ ମାର୍କେଟ ଗାର୍ଡଙ୍କ ବୋକେୟା ପାଉଣା ଆଜି ପର୍ଯ୍ୟନ୍ତ ମିଳିନାହିଁ, ବିଗତ ଦିନରେ ଲିଖିତ ଆକାରରେ ଜଣେଇଥିଲେ ସୁଦ୍ଧା ଏହାର କୌଣସି ସଫଳ ଉତ୍ତର ଆଜି ପର୍ଯ୍ୟନ୍ତ ମିଳିପାରି ନାହିଁ, ବର୍ତ୍ତମାନ କାର୍ଯ୍ୟରତ ଥିବା ଆର.ଏମ.ସି ସେକ୍ରେଟାରୀ ବିଗତ ଦିନର ଧାନମଣ୍ଡି ବାବଦରେ ଖର୍ଚ୍ଚାନ୍ତ ବିଷୟରେ ଜଣେଇବାରୁ ସେ ବିଗତ ଦିନର ଆର.ଏମ.ସି ସେକ୍ରେଟାରୀଙ୍କ ସମୟରେ ଯେଉଁ ଖର୍ଚ୍ଚାନ୍ତ ଓ ବୋକେୟା ପାଉଣା ବିଷୟରେ ମୁଁ ବିଲ ଓ କୌଣସି କାର୍ଯ୍ୟ କରିପାରିବିନାହିଁ ବୋଲି ସିମାଞ୍ଚଳ ପାଣିଗ୍ରାହୀଙ୍କୁ ସିଧା ସଳଖ ମନା କରିଦେଇଥିଲେ, ବିଶେଷକରି ଆଜି କୋଟପାଡ଼ ବ୍ଲକ ଠାରେ ଜିଲ୍ଲାପାଳ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିବାରୁ ଆମେ ଦୁଇ ଆର.ଏମ.ସି ଅବସର ମାର୍କେଟ ଗାର୍ଡ ମାନନୀୟ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ନିଜ ଅସୁବିଧା ଲିଖିତ ଆକାରରେ ପ୍ରଦାନ କରିଥିଲେ,ଜିଲ୍ଲାପାଳ ଅଭିଯୋଗ ପତ୍ର ଦେଖିଲା ପରେ ଉପଜିଲ୍ଲାପାଳଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶଦେଇଥିଲେ, ଉପଜିଲ୍ଲାପାଳ ବର୍ତ୍ତମାନ ଧାନମଣ୍ଡି ଚାଲୁଥିବାରୁ ଆସନ୍ତା ପନ୍ଦର ଦିନପରେ ଆପଣଙ୍କ ସମସ୍ତ ଅଭିଯୋଗ ସମାଧାନ କରି ପୂର୍ଣ୍ଣ ସହଯୋଗ କରାଯିବ ବୋଲି ଆଜିର ଅଭିଯୋଗ ଶୁଣାଣିରେ ସର୍ବ ସମ୍ମୁଖରେ ପ୍ରକାଶ କରିଥଲେ, ଦେଖାଯାଉ ଦୁଇ ଅବସର ଆର.ଏମ.ସି ମାର୍କେଟ ଗାର୍ଡଙ୍କୁ ନ୍ୟାୟ ମିଳୁଛି ତାହା ଦେଖିବାକୁ ବାକି ରହିଲା।

# ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ଅଭିଯାନ



**ବଣାଇ, ୧।୬ :** ବଣାଇ ଉପଖଣ୍ଡ ଅନ୍ତର୍ଗତ ଚାରି ବ୍ଲକ୍ ସମେତ ସଦର ମହକୁମାକୁ ମଳମୁକ୍ତ ତଥା ସ୍ୱଚ୍ଛ ଓ ସୁସ୍ଥ ରଖିବା ନିମନ୍ତେ ଆଜି ବଣାଇ ପ୍ରଶାସନ ପକ୍ଷରୁ ଏକ ସ୍ୱଚ୍ଛ ଅଭିଯାନ କାର୍ଯ୍ୟକ୍ରମ ବାବା ବାଣେଶ୍ୱର ମନ୍ଦିର ପରି ସରରେ ଅନୁଷ୍ଠିତ ହେକ୍ଷଇଯାଇଛି କ୍ଷ ଉକ୍ତ ଅଭିଯାନରେ ବଣାଇ ଉପଜିଲ୍ଲାପାଳ ଅଶେକ୍ଷକ ଦାସ, ବଣାଇ ବି. ଡି. ଓ ଦିବ୍ୟଶଙ୍କର ଜୟପୁରିଆ, ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଶିବାଙ୍ଗୀ ଆନନ୍ଦ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ଜିଲ୍ଲା ପରିଷଦ (ଖ) ରାମ ଚନ୍ଦ୍ର ସାହୁ, ସରପଞ୍ଚ ନମିତା ନାଗ, କନିଷ୍ଠ ଯନ୍ତ୍ରୀ ବିକାଶ ସିଂ ଦଣ୍ଡପାଟ ଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ । ନିଜର ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ସହିତ ଏକ ସୁସ୍ଥ ପରିବେଶ ଗଠନ କରିବା ପାଇଁ ଅନ୍ୟମାନଙ୍କୁ ପ୍ରେରଣା ଦେବା ହେଉଛି,ଏହି ଅଭିଯାନର ଆଭିମୁଖ୍ୟ । ଏହି ଅବସରରେ ସଫେଇ କାର୍ଯ୍ୟକ୍ରମ ଚାଲିଥିଲା।

### ବ୍ୟାସକବି ଫକୀରମୋହନ ଓ ଉତ୍କଳ ଗୌରବ ମଧୁସୂଦନଙ୍କ ସଂପର୍କରେ

# ଅରୁଚିକର ମନ୍ତବ୍ୟ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




**ବାଲେଶ୍ୱର,୧।୬ :** ବାଲେଶ୍ୱର ସିଭିଲ ସୋସାଇଟି ଆହ୍ୱାନରେ ସୋମବାର ଦିନ ପୂର୍ବାହ୍ନରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବହୁ ସାମାଜିକ, ସାଂସ୍କୃତିକ ଓ ଗଣ ସଂଗଠନ ନେତୃତ୍ୱଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ରରେ ବ୍ୟାସକବି ଫକୀରମୋହନ ସେନାପତି ଓ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବିରୁଦ୍ଧରେ ବିଜେପି ଯୁବମୋର୍ଚ୍ଚାର ନେତା ଶ୍ରୀ ଅଭିଳାଷ ପଣ୍ଡା ଦେଇଥିବା ଅପମାନଜନକ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରାଯାଇଛି । ଓଡ଼ିଆ ଭାଷାର ସୁରକ୍ଷା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଏହି ଦୁଇ ମହାପୁରୁଷଙ୍କ ତ୍ୟାଗ ଓ ଭୂମିକାକୁ ଶ୍ରୀ ପଣ୍ଡା ଅପମାନିତ କରିଛନ୍ତି ବୋଲି ସେମାନେ ଉଲ୍ଲେଖ କରିଛନ୍ତି । ଏ ଘଟଣା କେବଳ ବାଲେଶ୍ୱରବାସୀଙ୍କ ମଧ୍ୟରେ ନୁହେଁ ସମସ୍ତ ଓଡ଼ିଆ ଭାଷାଭାଷି ବ୍ୟକ୍ତିଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଛି । ତେଣୁ ଶ୍ରୀ ପଣ୍ଡାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମହାପୁରୁଷମାନଙ୍କ ପ୍ରତି ଯଥାର୍ଥ ସମ୍ମାନ ରକ୍ଷା କରିବାସହ ଓଡ଼ିଆ ଅସ୍ମିତାକୁ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ରରେ ନିବେଦନ କରାଯାଇଛି । ଅନ୍ୟଥା ଏହି ଘଟଣାକୁ ନେଇ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଉପଦେଷ୍ଟା ଗୌରାଙ୍ଗ ପାଣି ପାଣିଗ୍ରାହୀ ଓ ସଂପାଦକ ମନୋଜ ନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାକାରୀ ଦଳ ଜିଲ୍ଲାପାଳଙ୍କ ଦପ୍ତରକୁ ଯାଇ ଏହି ସ୍ମାରକପତ୍ର ପ୍ରଦାନ କରିବା ପରେ ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରଦୀପ କୁମାର ଚାଟାର୍ଜୀ, ସୀତାଂଶୁ ସେନାପତି, ଦିଲ୍ଲୀପ କୁମାର ଗିରି, ଭାଗବତ ପ୍ରତିହାରୀ, ନିର୍ମଳ ନାୟକ, ନିରଞ୍ଜନ ପରିଡ଼ା, ମଳୟ ରାୟ, ଜ୍ୟୋତ୍ସ୍ନା ସେନାପତି, ଅରୁଣ ଜେନା, ରାଜେଶ ଗିରି, ଶରତ ଚନ୍ଦ୍ର ଦଳାଇ, ଶ୍ୟାମସୁନ୍ଦର ଜେନା, ସନ୍ତୋଷ ସାହୁ, କମଳାକାନ୍ତ ବେହେରା ଓ ପ୍ରମଥ ପ୍ରମାଣିକ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶାର ବରପୁତ୍ରମାନଙ୍କୁ ଅପମାନିତ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପ୍ରେମରଞ୍ଜନ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କ୍ୟାରିଅର୍ ପରାମର୍ଶ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ବାଲେଶ୍ୱର,୧।୬ :** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (DCPU), ବାଲେଶ୍ୱର ଦ୍ୱାରା ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଶିଶୁ ଯତ୍ନ ପ୍ରତିଷ୍ଠାନ (CCIs) ରେ ରହୁଥିବା ପିଲା, ଉଉଓ ପାସ୍ ଆଉଟ୍ ପିଲା, ଆଶୀର୍ବାଦ ହିତାଧିକାରୀ ଏବଂ ବାଲେଶ୍ୱର ଜିଲ୍ଲାର ଅନାଥ ପିଲାମାନଙ୍କ ପାଇଁ ବାଲେଶ୍ୱରର ନୂତନ କଲେକ୍ଟରେଟ୍ କୋଠାର ଅଡିଟୋରିୟମ୍ ହଲ୍ ରେ



ଏକ କ୍ୟାରିଅର୍ ପରାମର୍ଶ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା କ୍ୟାରିଅର୍ ମାର୍ଗଦର୍ଶନ ଏବଂ ପରାମର୍ଶ, ଦକ୍ଷତା ବିକାଶ ସୁଯୋଗ, ବୃତ୍ତିଗତ ତାଲିମ ଏବଂ ଉଚ୍ଚଶିକ୍ଷା ମାର୍ଗ ସମ୍ପର୍କରେ ସୂଚନା ପ୍ରସାରଣ ମାଧ୍ୟମରେ ଯୁବ ମନକୁ ସଶକ୍ତ କରିବା। ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱରର ସମ୍ବଳ ବ୍ୟକ୍ତି ଏବଂ ଅନ୍ୟ ବିଶେଷଜ୍ଞ ମାନେ ଅଂଶଗ୍ରହଣକାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଭବିଷ୍ୟତ କ୍ୟାରିଅର୍ ସମ୍ଭାବନା ଏବଂ ଦକ୍ଷତା ବୃଦ୍ଧି ସୁଯୋଗ ସମ୍ପର୍କରେ ମୂଲ୍ୟବାନ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବହୁ ସଂଖ୍ୟକ ଯୋଗ୍ୟ ପିଲା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ପରାମର୍ଶ ଅଧିବେଶନ, ବିଶେଷଜ୍ଞ ଆଲୋଚନା ଏବଂ ବିଭିନ୍ନ ବୈଷୟିକ, ବୃତ୍ତିଗତ ଏବଂ ଉଚ୍ଚଶିକ୍ଷା ସୁଯୋଗର ସଂସ୍ପର୍ଶରୁ ଉପକୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କ ପାଇଁ ଅତ୍ୟନ୍ତ ସୂଚନାପ୍ରଦ ଏବଂ ପ୍ରେରଣାଦାୟକ ଥିଲା, ଯାହା ସେମାନଙ୍କୁ ସେମାନଙ୍କର ଭବିଷ୍ୟତ କ୍ୟାରିଅର୍ ଏବଂ ଦକ୍ଷତା ବିକାଶ ସମ୍ପର୍କରେ ସୂଚନାପ୍ରଦ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଖୁସିରାମ ଗାହୀର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# କଲମ ଛାଡି ଉପଜିଲ୍ଲାପାଳ ସମେତ ଅତିରିକ୍ତ ଜିଲ୍ଲାପାଳ ଧରିଲେ ହାତରେ ଝାଡୁ

### କାଳ ବୈଶାଖୀ ଝଡ଼ ତୋଫାନରେ ସବୁ ଆଡେ ଅଳିଆ



**ବଣାଇ, ୧।୬ :** ସୁନ୍ଦରଗଡ ଜିଲ୍ଲା ବଣେଇ ଅଞ୍ଚଳରେ ମେ ମାସ ୨୭ ତାରିଖ ଦିନ କାଳ ବୈଶାଖୀ ପ୍ରଭାବରେ ଝଡ଼ ତୋଫାନ ରେ ଛୀନ ଛତ୍ର କରି ଦେଇଥିଲା ସମଗ୍ର ଅଞ୍ଚଳ ଏ ନେଇ ବଣାଇ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ବିଡ଼ିଓ, ସରପଞ୍ଚ ଅନ୍ୟ ଅଧିକାରୀ କଲମ ଛାଡି ହାତରେ ଝାଡୁ ଧରି ସଫେଇ କାମରେ ଲାଗି ପଡିଛନ୍ତି, ଏବେବି ଅନେକ ଜାଗାରେ ଗଛ, ବିଦ୍ୟୁତ ଖୁଣ୍ଟ ପଡି ରହି ଥିବା ବେଳେ ପାଣି ର ସମସ୍ୟାବି ରହିଛି ତା ସାଙ୍ଗକୁ ଅଳିଆ ଆବର୍ଜନା, ନାକେଦମ, ଏହାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆ ଯାଇଛି। ଆଜି ଆମେ ସଫେଇ କରୁଛୁ ଆଗକୁ ଅନ୍ୟ ସମସ୍ତେ ଆମଠୁ ପ୍ରେରଣା ପାଇ ସଫେଇ କାର୍ଯ୍ୟ କରିବେ ଏବଂ ଏହି କାର୍ଯ୍ୟକ୍ରମ ଆଗକୁ ମଧ ଏମିତି ଚାଲୁ ରହିବ ବୋଲି ଉପଜିଲ୍ଲାପାଳ କହି ଥିବା ବେଳେ ଜଡଝଝ ର ଆସିଷ୍ଟାଣ୍ଟ ଇଞ୍ଜିନିଅର କହିଛନ୍ତି ଅସୁବିଧା ଅଛି ଆମେ ସହଯୋଗ କରୁଛୁ ଯଥା ଶୀଘ୍ର ପାନୀୟ ଜଳ ସଙ୍କଟ ସ୍ୱାଭାବିକ ହେବ। ଏପଟେ ଗରମ ଗୁଳୁ ଗୁଳି ଅସ୍ତ ବ୍ୟସ୍ତ କରି ପକାଉ ଥିବା ବେଳେ କଲମ ଛାଡି ହାତରେ ଝକ୍ଷଡୁ ଧରି ମହିଳା ଅତିରିକ୍ତ ଜିଲ୍ଲାପାଳ ଝାଡୁ ମାରୁ ଥିବା ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଜାଉ ଥିବାସେ କହିଛନ୍ତି। ସବୁଆଡେ ଅଳିଆ କିପରି ସବୁ ସଫା ହେବ ସେନେଇ ଆଜି ଏହି ଛୋଟିଆ ପ୍ରୟାସ ଜାରି ରହିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ନୂଆ ଗାଁ ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ବଣାଇ,୧।୬ :** ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ପଂଚାୟତ ସମିତି ସଭାକକ୍ଷ ରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୬୦ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା। ସେଥି ମଧ୍ୟରୁ ୧୭ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୪୧ ଟି ସାମୁହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୨ଗୋଟି ଅଭିଯୋଗ ର ତତ୍ କ୍ଷଣାତ ସମାଧାନ କରାଯାଇଥିଲା।ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆର୍ଥିକ ସହାୟତା ପାଇଁ ଦୁଇ ଜଣ ବ୍ୟକ୍ତି ଆବେଦନ କରିଥିଲେ । ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ସୁରଂଜନ ସାହୁ, ପାନପୋଷ ଉପଜିଲ୍ଲାପାଳ ଶ୍ରୀ ଚନ୍ଦ୍ରକାନ୍ତ ମଲ୍ଲିକ, ପିଏଆଇଟିଡିଏ ପାନପୋଷ ବିକ୍ରାଣୀ କିସପଟ୍ଟା, ନୂଆଁ ଗାଁ ଗୋଷ୍ଠି ଉନ୍ନୟନ ଅଧିକାରୀ ଜ୍ୟୋତିବିକାଶ ଦାଶ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଜୁଆ ଆଡ୍ଡା ଉପରେ ପୋଲିସର ଚଢ଼ଉ

**ବଣାଇ,୧।୬ :** ସୁନ୍ଦରଗଡ ଜିଲ୍ଲା ହେମଗିରି ଥାନା ଓଡ଼ିଶା – ଛତିଶଗଡ ସୀମାନ୍ତ ଜାମଝରିଆ ଜଙ୍ଗଲ ରେ ଏକ ବଡ ଧରଣ ର ଜୁଆ ଆଡ୍ଡା ଉପରେ ପୁଲିସ ରାତିରେ ଚଢ଼ଉ କରିଛି । ଏଥିରେ ୨୬ ଜଣ ଜୁଆଡିଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ୧୧ ଲକ୍ଷ ୧୬ ହଜାର ୯ ଶହ ଟଙ୍କା ନଗଦ, ୯ ଟି ବାଇକ, ୩ ଟି କାର, ୩୧ ଟି ମୋବାଇଲ ଏବଂ ତାସ ପତ୍ତି ଜବତ କରିଛି । ଗତକାଲି ସନ୍ଧ୍ୟାରେ ଏକ ଗୁପ୍ତ ସୂଚନା ପରେ ଏସପି ଅମ୍ରିତ ପାଲ କୌର ଙ୍କ ନିର୍ଦ୍ଦେଶ ରେ ସେଠାରେ ଚଢ଼ଉ କରିଥିଲା ପୁଲିସ । ବେଆଇନ ଜୁଆ ଉପରେ ଜିଲ୍ଲା ରେ ଏହା ଏକ ବଡ ଧରଣ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଛି ସୁନ୍ଦରଗଡ ପୁଲିସ ।



# ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଅଭିଯାନ ରଥର ଶୁଭାରମ୍ଭ

**ବାଲେଶ୍ୱର,୧।୬ :** ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସମ୍ପର୍କରେ ବ୍ୟାପକ ସୂଚନା ପ୍ରଦାନ ଉଦ୍ଦେଶ୍ୟରେ ଆଜି ଦିନ ୧.୦୦ ଘଟିକା ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ସଚେତନତା ଅଭିଯାନ ରଥର ଶୁଭାରମ୍ଭ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଅତିଥିମାନେ ସବୁଜ ପତାକା ପ୍ରଦର୍ଶନ କରି ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ।

### ଜନତାଙ୍କ ସମସ୍ୟା ଶୁଣିଲା ପ୍ରଶାସନ, ହରିଅନ୍ତାରେ ଦ୍ୱିତୀୟ ପର୍ଯ୍ୟାୟ ଶିବିର

# ବିଭିନ୍ନ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ୮୨ ଅଭିଯୋଗର ଶୁଣାଣି



**ଫୁଲନଖରା,୧।୬:** ବାରଙ୍ଗ ବ୍ଲକ ଅନ୍ତର୍ଗତ ହରିଅନ୍ତା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଏବଂ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ସର୍ବମୋଟ ୮୨ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ଦାଖଲ ହୋଇଥିବାବେଳେ ସେଗୁଡ଼ିକର ଶୁଣାଣି କରାଯାଇଥିଲା। ପାନୀୟ ଜଳ, ରାସ୍ତାଘାଟ, ପରିମଳ ବ୍ୟବସ୍ଥା, ରାସନ ସାମଗ୍ରୀ ବଣ୍ଟନ, ଆବାସ ଯୋଜନା, ସାମାଜିକ ସୁରକ୍ଷା ଓ ଅନ୍ୟାନ୍ୟ ଜନହିତକର ସମସ୍ୟା ସମ୍ପର୍କିତ ଅଭିଯୋଗଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଅଭିଯୋଗକାରୀଙ୍କ ସମସ୍ୟା ଶୁଣି ଯଥାଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆଶ୍ୱାସନା ଦେଇଥିଲେ। ଏହି ଶିବିରରେ ବାରଙ୍ଗ ଅତିରିକ୍ତ ବିଡିଓ ଦୀପାବାଳା ଜେନା ମୁଖ୍ୟତଃ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ତାଙ୍କ ସହ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଅଭିଜିତ ଦାସ, ସହକାରୀ ଯନ୍ତ୍ରୀ ଜୟଶ୍ରୀ ରାଉତ, ବିଏସଓ ସ୍ମୀତରାଣୀ ସାହୁ, ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା, ବିପିସି ମମତା ନାୟକ, ଯୋଗାଣ ଅଧିକାରୀ ଜୟଶ୍ରୀ ହରିଚନ୍ଦନ, ବିପିସି ଗଙ୍ଗୋତ୍ରୀ ପ୍ରିୟଦର୍ଶିନୀ, ସୁଭଦ୍ରା ସଂଯୋଜିକା ମାମା ଭୂୟାଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରିୟମ୍ବଦା ବେହେରା, ସଞ୍ଜୟ ରାଉତରାୟ, ଉମେଶ ସାହୁ, ଏଡିଇ ରୁକ୍ମିଣୀ ପଣ୍ଡା, ଅମିନ ପ୍ରିୟଦର୍ଶିନୀ, ଏସିପି ପବିତ୍ର ମୂଳିଆ, ହରିଅନ୍ତା ସରପଞ୍ଚ ପଦ୍ମିନୀ ପ୍ରଧାନ, ସମିତି ସଭ୍ୟ ବଟକୃଷ୍ଣ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳର ସାଧାରଣ ଲୋକମାନେ ସିଧାସଳଖ ଭାବେ ପ୍ରଶାସନ ସମ୍ମୁଖରେ ନିଜ ସମସ୍ୟା ଉପସ୍ଥାପନ କରିବାର ସୁଯୋଗ ପାଇଥିବାରୁ ଶିବିର ପ୍ରତି ସନ୍ତୋଷ ପ୍ରକାଶ କରିଥିଲେ। ଏଭଳି ଜନ ଅଭିଯୋଗ ଶୁଣାଣି ଶିବିର ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ସହ ପ୍ରଶାସନ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ଅଧିକ ସୁଦୃଢ଼ କରୁଥିବା ମତ ପ୍ରକାଶ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati